ସାପ୍ତାହିକ
Postal Regd. No.: SBP/RN-01/2022-2024
# ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 14 | 2 - 8 April 2023 | Sambalpur | Page- 8 | Invitation Price Rs.10

ବନ୍ଦେ ଉତ୍କଳ ଜନନୀ

ସତ୍ୟମେବ ଜୟତେ



## ପବିତ୍ର ଉତ୍କଳ ଦିବସ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଉତ୍କଳ ଦିବସ-୨୦୨୩ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ରାଜ୍ୟପାଳ, ଓଡ଼ିଶା



## ଓଡ଼ିଶା ଦିବସ ୨୦୨୩ ପାଳନ ଅବସରରେ ବାର୍ତ୍ତା

ଆମ ରାଜ୍ୟର ଗୌରବମୟ ଇତିହାସର ସ୍ମୃତିଚାରଣ ହେଉଛି ଓଡ଼ିଶା ଦିବସ ପାଳନର ଆଭିମୁଖ୍ୟ । ଆଜିର ପବିତ୍ର ଓଡ଼ିଶା ଦିବସ ଅବସରରେ ମୁଁ ଓଡ଼ିଶାବାସୀ ସମସ୍ତ ଭାଇଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଉଛି ।

ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନକୁ ସାକାର କରିଥିବା ମହାମନୀଷୀମାନଙ୍କୁ ମୁଁ ଏହି ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ଏକ ସ୍ୱତନ୍ତ୍ର ପରିଚିତି ରହିଛି । ଏସବୁର ସଂରକ୍ଷଣ ଓ ସମୃଦ୍ଧି ସହ ଓଡ଼ିଶାର ଗୌରବକୁ ସାରା ବିଶ୍ୱରେ ପହଞ୍ଚାଇବା ନିମନ୍ତେ ଆସନ୍ତୁ, ଆଜିର ଏହି ମହାର୍ଘ ଦିବସରେ ଶପଥ ନେଇ କାର୍ଯ୍ୟ କରିବା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

ବନ୍ଦେ ଉତ୍କଳ ଜନନୀ

ଓଡ଼ିଶା ସରକାର



## ଓଡ଼ିଶା ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଓଡ଼ିଶା ଦିବସ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଆପଣମାନଙ୍କ ସହଯୋଗରେ ଓଡ଼ିଶା ଆଜି ବିଭିନ୍ନ କ୍ଷେତ୍ରରେ ସଫଳତାର ନୂଆ ପରିଚୟ ନେଇ ଆଗକୁ ବଢ଼ୁଛି । ଆସନ୍ତୁ, ଏହି ଧାରାକୁ ଆହୁରି ଆଗକୁ ନେବା ଓ ଶ୍ରେଷ୍ଠ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବା ।

ବନ୍ଦେ ଉତ୍କଳ ଜନନୀ

ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା ପାଇଲେ ସାହିତ୍ୟ ଭାରତୀ ସମ୍ମାନ

କଟକ : ବିଶିଷ୍ଟ ସାହିତ୍ୟ ସାଧକ ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା ଚଳିତ ବର୍ଷର 'ସାହିତ୍ୟ ଭାରତୀ' ସମ୍ମାନ ପାଇଛନ୍ତି । ସମ୍ମାନ ସ୍ୱରୂପ ମାନପତ୍ର, କୋଣାର୍କର ଏକ ଫଳକ ଏବଂ ଏକ ଲକ୍ଷ ଟଙ୍କା ପୁରସ୍କାର ବାବଦ ଅର୍ଥ ପ୍ରଦାନ କରାଯାଇଛି । ପଦ୍ମଶ୍ରୀ ଉଦଗାତା ଏ ପର୍ଯ୍ୟନ୍ତ ୩୨୩ ପୁସ୍ତକ ରଚନା କରିବା ସହିତ ଅନେକ ଅନୁବାଦ ପୁସ୍ତକ କରିଛନ୍ତି । ଟ୍ରଷ୍ଟି ଡକ୍ଟର ଜୟନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡିଶା ହାଇକୋର୍ଟର ବିଚାରପତି ଡକ୍ଟର ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଶ୍ରୀ ଉଦ୍‌ଗାତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି ।



କବି କଥାକାର, ଔପନ୍ୟାସିକ, ପ୍ରାବନ୍ଧିକ, ନାଟ୍ୟକାର,ଅନୁବାଦକ,ଚିତ୍ରଶିଳ୍ପୀ, ବାଗ୍ମୀ ଡକ୍ଟର ଉଦ୍‌ଗାତା ସର୍ବଭାରତୀୟ ସ୍ତରରେ ପ୍ରତ୍ୟେକ ସର୍ଜନାତ୍ମକ କ୍ଷେତ୍ରରେ ସାର୍ଥକ ସଫଳତାର ଅଧିକାରୀ ଭାବରେ ଖ୍ୟାତ ଓ ସମ୍ମାନିତ । ଏ ଯାବତ ତାଙ୍କର ମୂଳ-ମୌଳିକ ଓ ଅନୂଦିତ ପୁସ୍ତକାକାରରେ ପ୍ରକାଶିତ ୩୨୦ ଟି ରଚନା ପ୍ରାନ୍ତୀୟ ଓ ଜାତୀୟ ବିପୁଳ ପାଠକୀୟ ସ୍ୱୀକୃତି ପାଇଛି । ସେ ଶତାଧିକ ସଂସ୍ଥା ଦ୍ୱାରା ପୁରସ୍କୃତ, ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି । ସେ ଆପଣାର ବିଶାଳ ମୌଳିକ ରଚନା ସମ୍ଭାର ସହିତ ଅନୁବାଦକୁ ବହୁ ଲାବଣ୍ୟବତୀ ଭାଷାର ଦେଶ ଭାରତବର୍ଷରେ ଭାବନାତ୍ମକ ଏକାତ୍ମତାର ପ୍ରତିଷ୍ଠା ହେତୁ ମିଶନ ଭାବରେ ସ୍ୱୀକାର କରିଛନ୍ତି । ଡକ୍ଟର ଉଦ୍‌ଗାତାଙ୍କର କିଛି କବିତା ଓ ଗଳ୍ପ ବହୁ ଭାରତୀୟ ଭାଷାରେ ଅନୁଦିତ । କିଛି ଗଳ୍ପ ଆପାତତଃ ପ୍ରତ୍ୟେକ ଭାରତୀୟ ଭାଷାରେ ଅନୂଦିତ, ପ୍ରକାଶିତ ଓ ଆଦୃତ । କିଛି ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ରହିଛି ।

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

୭ ପୃଷ୍ଠାରେ..


ବହୁ ଉପକାରୀ ଡାଳିମ୍ବ ଚୋପା


କଞ୍ଚା ଆମ୍ବ ଖାଇବାର ଫାଇଦା


ସୁନିଦ୍ରା ପାଇଁ ସାଲାଡ଼୍


ସ୍ୱାସ୍ଥ୍ୟ ପାଇଁ ଲାଭ ମୁଗ


ଶରୀରକୁ ସୁସ୍ଥ ରଖେ ବାଦାମ


ତରଭୁଜର ଉପକାରିତା

## ବିଜେପୁରରେ ବ୍ଲକସ୍ତରୀୟ ଟିଏଲଏମ କର୍ମଶାଳା

ବିଜେପୁର: ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଦ୍ୱିଦିବସୀୟ ଟିଏଲଏମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେଶ କୁମାର ରାଉତରାୟ ଏହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ । ଏହି କର୍ମଶାଳାରେ ୧୨ଟି କ୍ଲଷ୍ଟରରୁ ୪୫ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ଥିଲେ । ବାଲାଜୀ ରାଓମୋରେ, ରାମପ୍ରସାଦ ବାଗ, ସୌମ୍ୟ ରଞ୍ଜନ ପଧାନ, ଆର୍ତ୍ତତ୍ରାଣ ଚୌହାନ ପ୍ରଶିକ୍ଷକ ଭାବେ ଯୋଗଦେଇ ଥିଲେ । ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର୍ଥୀଙ୍କୁ କିଭଳି ବିଭିନ୍ନ ଶିକ୍ଷଣ ସାମଗ୍ରୀ ମାଧମରେ ଆନନ୍ଦଦାୟକ ଭାବେ ଗଣିତ ଓ ଭାଷା ଶିକ୍ଷା ପ୍ରଦାନ କରାଯିବ ଏହି ବିଷୟରେ କର୍ମଶାଳାରେ ଆଲୋକପାତ କରାଯାଇଥିଲ । ସ୍ୱଳ୍ପ ତଥା ବିନାମୂଲ୍ୟରେ ଉପଲବ୍ଧ ଜିନିଷ ବ୍ୟବହାର କରି କିଭଳି ସୁନ୍ଦର ମନଲୋଭା ଟିଏଲଏମ ପ୍ରସ୍ତୁତ ହୋଇ ପାରିବ ତାଲିମ ନେବା ସହ ଶିକ୍ଷକ ଶିକ୍ଷୟିତ୍ରୀଗଣ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ । ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଗଗନ ବେହେରା, ଜନକ ସେଠ ପ୍ରମୁଖ କର୍ମଶାଳା ପରିଦର୍ଶନ କରି ଏହାର ଉପାଦେୟତା ସଂପର୍କରେ ଆଲୋଚନା କରିଥିଲେ । ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଦିବାକର ବରିହାଙ୍କ ଅଧକ୍ଷତାର ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା । ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି, ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋଜ ବେହେରା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ପାଣ୍ଡେ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ନମିତା ବେହେରା, ସୁବାସିନୀ ସାହୁ, ବିକାଶ ଗଡତିଆ, ଡିଙ୍ଗର ମେହେର ପ୍ରମୁଖ ଶ୍ରେଷ୍ଠ ଟିଏଲଏମ ପ୍ରସ୍ତୁତକର୍ତ୍ତା ଭାବେ ପୁରସ୍କୃତ ହୋଇଥିଲେ । ଏହି ଅବସରରେ ସିଆରସିସି ଦୁର୍ବାଦଳ ବଡଗୋଛିଆଙ୍କୁ ସମ୍ମାନିତ କରାଯାଇଥିଲା । ବାସୁଦେବ ପଧାନ, ଶରତ ପଧାନ, ସୀତାରାମ ଦୀପ, ରାଜେଶ୍ୱର ବେହେରା, ନବୀନ ସାହୁ, ତ୍ରିନାଥ ସେଠ, ପ୍ରଭାତ ରଞ୍ଜନ ସାହୁ, ସୁଧାଂଶୁ ଶେଖର ଜାଲ, ଡୋଲାମଣି କୁମ୍ଭାର, ପ୍ରକାଶ ମହାନନ୍ଦ, ହେମନ୍ତ ଆରୁକ ପ୍ରମୁଖ ସିଆରସିସି କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ ।

## ବୁର୍ଲାରେ ହୀରାଖଣ୍ଡ ନାଟ୍ୟ ମହୋତ୍ସବ




ବୁର୍ଲା : ହୀରାଖଣ୍ଡ ନାଟ୍ୟ ମହୋତ୍ସବ ଚାରିଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ନାଟ୍ୟବିତ୍ ଡକ୍ଟର ଶ୍ୟାମସୁନ୍ଦର ଧରଙ୍କୁ ଏହି ଅବସରରେ 'ହୀରାଖଣ୍ଡ ନାଟ୍ୟ ସମ୍ମାନ-୨୦୨୩' ରେ ସମ୍ମାନିତ କରାଯାଇଛି । ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କ କୁମାର ଦାଶ ମହାପାତ୍ର, ଆଇଆଇଏମର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ପ୍ରମୁଖ ବିଭିନ୍ନ ଦିବସରେ ଅତିଥି ଭାବେ ଯୋଗ ଦେଇଥିଲେ । ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବି.ବି ମିଶ୍ର ମୁଖ୍ୟ ଅତିଥି, ନାଟ୍ୟବିତ୍ ଡକ୍ଟର ଦ୍ୱାରିକାନାଥ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳସଚିବ ଡକ୍ଟର ନୃପରାଜ ସାହୁ ସଭାକାର୍ଯ୍ୟରେ ସଭାପତିତ୍ୱ କରିଥିଲେ । ଚାରିଦିନ ବ୍ୟାପି ଅନୁଷ୍ଠିତ ଏହି ନାଟ୍ୟ ମହୋତ୍ସବକୁ ସଂଯୋଜନା କରିଥିଲେ ଅନୁଷ୍ଠାନର ସଂପାଦକ ତଥା ନିର୍ଦ୍ଦେଶକ ଅତୀଶ କୁମାର ଶତପଥୀ । ନରେନ୍ଦ୍ର ବେହେରା, ସୁବଳ ଚନ୍ଦ୍ର ବାଗ୍, ଦଧିବାମନ ପଣ୍ଡା, ବଳରାମ ହୋତା, ଶୁଭମ ମେହେର, ରାହୁଲ ଗୁପ୍ତା, ସୁମିତ୍ରା ମହାକୁର, ଶର୍ମିଷ୍ଠା ପ୍ରଧାନ, ପଙ୍କଜିନୀ ମେହେର, ଅନୀଳ ଶଙ୍ଖାରୀ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ସଙ୍କେତ ପୁରୋହିତ, ସୁମିତ କୁମାର ପ୍ରଧାନ, ଗିରିଜାଶଙ୍କର ମିଶ୍ର, ଆରାଧା ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହାୟତା କରିଥିଲେ ।

## ସୁବର୍ଣ୍ଣପୁରରେ ଜିଲ୍ଲା ସ୍ତରୀୟ ମିଶନ ବାତ୍ସଲ୍ୟ ଓ ବାଲ୍ୟବିବାହ ପ୍ରତିରୋଧ ବୈଠକ

ସୁବର୍ଣ୍ଣପୁର : ସୁବର୍ଣ୍ଣପୁର ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ ମିଶନ ବାତ୍ସଲ୍ୟ ସଚେତନତା ସଭା ତଥା ଜିଲ୍ଲା ବାଲ୍ୟ ବିବାହ ନିଷେଧ କମିଟି ବୈଠକ ଜିଲ୍ଲାପାଳ ଶ୍ରୀମତୀ ଅବୋଲି ସୁନୀଲ ନରୱାଣେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଚତୁର୍ଭୁଜ ଦାସ ସ୍ୱାଗତ ଭାଷଣ ଦେବା ସହିତ ମିଶନ ବାତ୍ସଲ୍ୟ ଯୋଜନା ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ବୈଠକରେ ବାଲ୍ୟ ବିବାହ ପରାମର୍ଶ ଦାତା ରାକେଶ ପ୍ରଧାନ ପିପିଟି ମାଧମରେ ବାଲ୍ୟ ବିବାହ ନିଷେଧ କାର୍ଯ୍ୟକ୍ରମର ବିବରଣୀ ଦେବା ସହିତ ପରବର୍ତ୍ତୀ କାର୍ଯ୍ୟପନ୍ଥା ବିଷୟ ରେ ବୁଝାଇଥିଲେ । ଏକ୍ସନଏଡ଼ ର ପ୍ରୋଗ୍ରାମ ମ୍ୟାନେଜର ଘାସିରାମ ପଣ୍ଡା ଯୋଗ ଦେଇ ଚାଇଲଡ ଫ୍ରେଣ୍ଡଲି ପଞ୍ଚାୟତ ର ରୂପରେଖ ଓ ବିଭିନ୍ନ ବିଭାଗ ର ପରସ୍ପର ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ଶ୍ରୀମତୀ ନରୱାଣେ ବାଳିକା ଶିକ୍ଷା, କୈଶୋର ମାତୃତ୍ୱ, ବାଳିକା ଭୃଣ ହତ୍ୟା ଆଦି ସମ୍ବେଦନଶୀଳ ବିଷୟ ଗୁଡିକରେ ଆଲୋଚନା ପୂର୍ବକ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ପରସ୍ପର ସହଯୋଗ ରେ କାମ କରିବାକୁ ପରାମର୍ଶ ଦେଇଥିଲେ । ଏହି ବୈଠକ ରେ ଅତିରିକ୍ତ ପୋଲିସ ଅଧୀକ୍ଷକ, ସି ଡି ଏମ ଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା, ଜିଲ୍ଲା ମଙ୍ଗଳ ଅଧିକାରୀ ଏ. ଶ୍ରୀନିବାସ ଆଚାର୍ଯ୍ୟ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଚାଇଲଡ ଲାଇନ ନିର୍ଦ୍ଦେଶକ ଅନଙ୍ଗ ନେଗୀ, ସମସ୍ତ ସିଡିପିଓ, ଆଦି ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ଅନ୍ୟ ମାନଙ୍କ ମଧରେ ୱାନ ଷ୍ଟପ ସେଣ୍ଟରର କର୍ମକର୍ତ୍ତା, ଚାଇଲଡ ଲାଇନ କର୍ମକର୍ତ୍ତା, ସ୍ୱଧାର ଗୃହ ର କର୍ମକର୍ତ୍ତା, ନିଜ ନିଜର ତଥ୍ୟ ଉପସ୍ଥାପନ କରିଥିଲେ । ଶ୍ରୀ ବିଶ୍ୱେଶ୍ୱର ହୋତା, ସ୍ୱାଗତରାଜ ମିଶ୍ର, ସରିତା ସୁନା, ବିଜୟ ବିଶ୍ୱାଳ, ପ୍ରଶାନ୍ତ ମହାକୁଡ଼ ପ୍ରମୁଖ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

## ରାଜ୍ୟରେ ଶ୍ରେଷ୍ଠ ନାକଟିଦେଉଳ ସିଏଚ୍‌ସି

ସମ୍ବଲପୁର : ସମ୍ବଲପୁର ଜିଲ୍ଲାର ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି) ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ ସହ ଅନ୍ୟାନ୍ୟ ଆନୁଷଙ୍ଗିକ କ୍ଷେତ୍ରରେ ଉନ୍ନତ କାର୍ଯ୍ୟ ପାଇଁ ରାଜ୍ୟରେ ଶ୍ରେଷ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାବେ ୨୦୨୨-୨୩ ବର୍ଷ ପାଇଁ କାୟାକଳ୍ପ ପୁରସ୍କାର ପାଇଛି । ପୁରସ୍କାର ବାବଦକୁ ୧୫ ଲକ୍ଷ ଟଙ୍କା ରାଶି ପ୍ରଦାନ କରାଯାଇଛି । ସେହିପରି ପ୍ରଶଂସନୀୟ - କାର୍ଯ୍ୟ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ(ଡିଏସ୍ଏଚ୍) କୁ ୩ ଲକ୍ଷ, ଉପଖଣ୍ଡ ଚିକିତ୍ସାଳୟ କୁଚିଣ୍ଡା ଓ ରେଢ଼ାଖୋଲକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ଭୋଜପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ବିଜେତା ହିସାବରେ ୨ ଲକ୍ଷ ପ୍ରଦାନ କରାଯାଇଥିବା ବେଳେ ଗୋଛାରା, ରେଙ୍ଗାଲି, କଦଳୀଗଡ଼, ମହୁଲପାଲି, କେନାଢିପା, କେସେଇବାହାଲ, ଧମା, କତରବଗା, ବଞ୍ଜାରା, ସଙ୍ଗ୍ରାମାଲ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୫୦ ହଜାର ଲେଖାଏଁ ପ୍ରଦାନ କରାଯାଇଛି । ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ୟୁପିଏମ୍‌ସି) କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ ପାଇଁ ଅଇଁଠାପାଲି, ଧନକଉଡା, ଧନୁପାଲି, ମାନେଶ୍ୱର, ବୁର୍ଲା, ଚାଉଁରପୁର ଏବଂ ଜେ. ପିମେଟନେଟି ଡାକ୍ତରଖାନାକୁ ୫୦ ହଜାର ଟଙ୍କା କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଛି । ସବ୍ ସେଣ୍ଟର କଷଡାକୁ ବିଜେତା ଭାବେ ୧ ଲକ୍ଷ, ଧୁଡିପାଲି ପ୍ରଥମ ଉପବିଜେତା ଭାବେ ୫୦ ହଜାର ଓ ମେଣ୍ଡାବାହାଲ ଦ୍ୱିତୀୟ ଉପବିଜେତା ଭାବେ ୩୫ ହଜାର ଟଙ୍କା ପ୍ରଦାନ କରାଯାଇଛି । ଏହି ତାଲିକାରେ ପ୍ରଶଂସନୀୟ କାର୍ଯ୍ୟ ପାଇଁ ଜାମୁମାଲ, ବିସାଲୱାଣ୍ଡା-୧, ଗୁଣ୍ଡୁରୁଚୁଆ, ଭୋଇପାଲ, ଟାଙ୍ଗରାନୀ, ସାହସପୁର, ସରାପାଲି, କଳାମାଟି, ଲିପିଣ୍ଡା, ଖୁଣ୍ଟଲିମାଲ, କିସିଣ୍ଡା, ଲୁହାପଙ୍କ, ବିରସିଂଗଡ଼ ଏବଂ ଟାମେରକେଲା ସବ ସେଣ୍ଟରକୁ ୨୫ ହଜାର ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଛି । ଜିଲ୍ଲାକୁ କୟାକଳ୍ପ ପୁରସ୍କାର ବାବଦରେ ମୋଟ୍ ୩୭ ଲକ୍ଷ ୮୫ ହଜାର ଟଙ୍କା ପ୍ରଦାନ କରାଯାଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ସରସ୍ୱତୀ ବିହାର ଶ୍ରୀରାମ ନବମୀ ମହୋତ୍ସବ

ସମ୍ବଲପୁର : ଅଇଁଠାପାଲିର ସରସ୍ୱତୀ ବିହାର ଠାରେ ଶ୍ରୀରାମ ନବମୀ ମହୋତ୍ସବ ପାଳନ କରାଯାଇଥିଲା । ଏହି ଅବସରରେ ୧୧ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ସମାରୋହ ମଧ ଅନୁଷ୍ଠିତ ହୋଇଥିଲା । ମହୋତ୍ସବ ଆୟୋଜନରେ ଦିନମଣି ବାରିକ, ପତଞ୍ଜଳି ଯୋଗ ସମିତି ଓଡ଼ିଶା ରାଜ୍ୟ ପ୍ରଭାରୀ ରାଧାମାଧବ ବହିଦାର, ଯୁବା ଭାରତ ଜିଲ୍ଲା ପ୍ରଭାରୀ ନିଳାମ୍ବର ସାହୁ, ଭାରତ ସ୍ୱାଭିମାନ ସମ୍ବଲପୁର ଜିଲ୍ଲା ପ୍ରଭାରୀ ଗୋଲକ ବିହାରୀ ମିଶ୍ର ଙ୍କ ସମେତ ଜିଲ୍ଲାର ନାକଟିଦେଉଳ, ରେଢ଼ାଖୋଲ, ସମେତ ବିଭିନ୍ନ ଅଞ୍ଚଳରୁ ରାମଭକ୍ତ ମାନେ ଉପସ୍ଥିତ ଥିଲେ ।

## କୁତମୁଣ୍ଡାରେ ସାପ୍ତାହିକ ବଜାର ଉଦଘାଟିତ



ପାଟଣାଗଡ : ବଲାଙ୍ଗିର ଜିଲ୍ଲା ପାଟଣାଗଡ ବ୍ଲକ ଅଧିନସ୍ଥ କୁତମୁଣ୍ଡା ଗ୍ରାମରେ ସାପ୍ତାହିକ ବଜାରକୁ ସରପଞ୍ଚ ସୁବାସ ମେହେର ଉଦ୍‌ଘାଟନ କରିଥିଲେ । ୧୯୮୬ ମସିହାରେ ବନମାଳୀ ମେହେର ନାମକ ସରପଞ୍ଚ ସମୟରେ ସାପ୍ତାହିକ ବଜାର ଉଦଘାଟନ ହୋଇଥିଲା କିନ୍ତୁ ୨/୪ ମାସ ଗଲା ପରେ ବଜାର ବନ୍ଦ ହୋଇ ଯାଇଥିଲା । ସେହି ସମୟରୁ ଆଜି ପର୍ଯ୍ୟନ୍ତ ଗ୍ରାମବାସୀ ପାଖରେ ଥିବା ଅନ୍ୟ ବଜାରକୁ ସଉଦା କିଣିବା ପାଇଁ ଯାଉଥିଲେ । ଅନ୍ୟମାନଙ୍କ ମଧରେ ଗ୍ରାମ ର ନରେନ୍ଦ୍ର ମେହେର, ତେଜ ମେହେର, ଘନଶ୍ୟାମ ମେହେର, ରବି ନାଗ, ହଜାରୁ ବନଗୁଲା, ବୁଲୁ ଠାକୁର, ହରିବୋଲ ଛତର, ଫଂପୋ ଦେହେରୀ, ଟଙ୍କଧର କୁମ୍ଭାର, ଚିତ୍ରସେନ ମେହେର, ସେଚ୍ଛାସେବୀ ଯୁବ ସଂଘର ସମ୍ପାଦକ ଭେଲାରାମ କୁମ୍ଭାର ଉପସ୍ଥିତ ରହି ବଜାର ବ୍ୟବସ୍ଥା ତଦାରଖ କରୁଥିଲେ ।

### ପଦ୍ମପୁର ଓକିଲ ସଂଘ ନିର୍ବାଚନ

## ସନ୍ତୋଷ ସଭାପତି

ବରଗଡ଼ : ପଦ୍ମପୁର ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ ଓକିଲ ସନ୍ତୋଷ କୁମାର ଶତପଥୀ ସଭାପତି, ସୁନିଲ୍ କୁମାର ପାଣିଗ୍ରାହୀ ଉପସଭାପତି ଏବଂ ଚିନ୍ମୟ କୁମାର ପଣ୍ଡା ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି । ବରିଷ୍ଠ ଓକିଲ ଦିଲୀପ୍ କୁମାର ପ୍ରଧାନ ନିର୍ବାଚନ ପରିଚାଳନା କରିଥିଲେ ଏବଂ ଯୁବ ଓକିଲ ରୋହିତ କୁମାର ଭୋଇ ସହଯୋଗ କରିଥିଲେ ।

## ୭୫ ବର୍ଷରେ କବରାପାଲି ରାମନବମୀ ଉତ୍ସବ

ପଡ଼ିଆବାହାଲ : ଯୁଯୁମୁରା ବ୍ଲକ କବରାପାଲି ଗାଁ ଶ୍ରୀରାମ ଜୟନ୍ତୀ ଅବସରରେ ଉତ୍ସବ ମୁଖରିତ ହୋଇଛି । ୭୫ ବର୍ଷରେ ପଦାର୍ପଣ କରିଥିବା ଶ୍ରୀରାମ ନବମୀ ଉତ୍ସବ ବର୍ଣ୍ଣାଢ୍ୟ କଳସ ଯାତ୍ରାରୁ ଆରମ୍ଭ ହୋଇଛି । ରବୀନ୍ଦ୍ର ବଢ଼ାଇ ଓ ସୁବାସିନୀ ବଢ଼ାଇ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ପଣ୍ଡିତ ରମେଶ ଚନ୍ଦ୍ର ଦାଶ ପୂଜାର୍ଚ୍ଚନା କରୁଛନ୍ତି । ଉଚ୍ଚ ଶିକ୍ଷାମନ୍ତ୍ରୀ ଇଞ୍ଜିନିୟର ରୋହିତ ପୂଜାରୀ ପ୍ଲାଟିନମ୍ ଜୁବ୍‌ଲି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସନ୍ଧ୍ୟାରେ ଗାଦିପୂଜା ଠାରୁ ଆରମ୍ଭ ହୋଇ ରାମଜନ୍ମ, ସୀତା ବିବାହ, ରାମ ବନବାସ, ସୀତା ଚୋରି, ଲଙ୍କା ପୋଡି, ଅକ୍ଷୟ କୁମାର ବଧ, କୁମ୍ଭକର୍ଣ୍ଣ ବଧ, ଇନ୍ଦ୍ରଜିତ ବଧ ଏବଂ ରାବଣ ବଧ ପ୍ରଭୃତି ପର୍ଯ୍ୟାୟ କ୍ରମେ ୧୧ ଦିନ ଧରି ଏହି ଉତ୍ସବ ଅନୁଷ୍ଠିତ ହେବ । ଏ ଅବସରରେ ସଂକୀର୍ତ୍ତନ, ବାଦପାଲା, ପାରାୟଣ, ମହିଳା ସଂକୀର୍ତ୍ତନ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ତେବେ ୧୧ ଦିନ ଧରି ପାଳିତ ହେଉଥିବା ଏହି ଉତ୍ସବର ଏକ ବିଶେଷତ୍ୱ ହେଲା ଉତ୍ସବ ଉଦ୍‌ଯାପନୀ ପର୍ଯ୍ୟନ୍ତ ଆମିଷ ଓ ନିଶା ସେବନକୁ ସମ୍ପୂର୍ଣ୍ଣ ଭାବେ ବାରଣ କରିଥାନ୍ତି ଗାଁ ଲୋକେ । ଉତ୍ସବ ପାଳନ କ୍ଷେତ୍ରରେ ଅବଦାନ ରହିଥିବା ବହୁ ପୁରୁଖା ଓ ନବାଗତଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ମଧ ରହିଥିବା ଆୟୋଜନ କମିଟିର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି ।

# ପରମ ଆନନ୍ଦର ଦ୍ୱାର ହେଉଛି ଧାନ

ମହର୍ଷି ପତଞ୍ଜଳି ଯୋଗସୂତ୍ର (୩.୨)ରେ ଧାନ ବିଷୟରେ କହିଛନ୍ତି- ଚିତ୍ତକୁ ଯେଉଁଥିରେ ଲଗାଯିବ, ସେଥିରେ ବୃତ୍ତି ଲଗାଏତ ଚାଲିବାର ଅର୍ଥ ଧାନ ।

ପ୍ରକୃତରେ ଋଷିବର କହିବାକୁ ଚାହାନ୍ତି ଯେ ଚିତ୍ତକୁ ଗୋଟିଏ ସ୍ଥାନରେ ଅର୍ଥାତ୍ ନାଭିଚକ୍ର, ହୃଦୟ କମଳ, ସୂର୍ଯ୍ୟ, ଚନ୍ଦ୍ର, ଆକାଶ ବା କୌଣସି ଦେବତା ଆଦିଙ୍କ ଠାରେ ଲଗାଇବା ଧାରଣା ଅଟେ, କିନ୍ତୁ ଚିତ୍ତ ଯେଉଁଠି ବି ଲାଗିଛି, ଅଟକିଛି, ସେଠାରେ ଏକାଗ୍ର ହୋଇଯିବା ଓ ତାହା ମଧରେ ଅନ୍ୟ କୌଣସି ବୃତ୍ତି ନ ଉଠିବା ଧାନ ବୋଲାଇ ଥାଏ ।

ଉଦାହରଣ ସ୍ୱରୂପ ପରମାତ୍ମାଙ୍କର କୌଣସି ସାକାର ଅଥବା ନିରାକାର ରୂପରେ ମନକୁ ଲଗାଇବା, ରୋକିବା ବା ଅଟକାଇବା ଧାରଣା, ଏକାଗ୍ରତା ଅଟେ । କିନ୍ତୁ ପରମାତ୍ମାଙ୍କ ସେହି ସାକାର-ନିରାକାର, ସଗୁଣ-ନିର୍ଗୁଣ ରୂପରେ ମନ ପୂର୍ଣ୍ଣତଃ ଅଟକିଯିବା, ଲାଗିଯିବା, ସ୍ଥିର ହୋଇଯିବା ଧାନ ହୋଇଥାଏ । ସେହି ସମୟରେ ମନରେ, ଚିତ୍ତରେ ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କୌଣସି ବୃତ୍ତି ଉଠିବ ହିଁ ନାହିଁ, କେବଳ ସେହି ପରମାତ୍ମବୃତ୍ତି କାଏମ ରହିବାକୁ ହିଁ ଧାନ କୁହାଯାଏ ।

ଆକାଶର ଧାରଣା କରି କରି ମନ ଆକାଶରେ ଅଟକିଯିବା, ଲାଗିଯିବା, ରହିଯିବା ଧାନ ଅଟେ । ସେଠାରେ ଆକାଶରେ ବୁଡ଼ିଥିବା ମନ ସ୍ୱୟଂ ଆକାଶ ରୂପ ହୋଇ, ଆକାଶମୟ ହୋଇଯାଏ । ସେଠାରେ ମନ ଆକାଶରେ ଥାଏ ଓ ଆକାଶ ହିଁ ମନରେ ଥାଏ । ଏଣୁ ସେହି ସମୟରେ ମନରେ ଏକମାତ୍ର ଆକାଶର ହିଁ ଅଖଣ୍ଡ ବୃତ୍ତି ଥାଏ, ଅନ୍ୟ କାହାର ନ ଥାଏ । ଶେଷରେ ମନର ସେହି ଅଖଣ୍ଡ ବୃତ୍ତି ଆକାଶରେ ହିଁ ଲୟ ହୋଇଯିବା, ଆକାଶରେ ହିଁ ବୁଡିଯିବା, ମନ ଆକାଶରେ ହିଁ ସମାପ୍ତ ହୋଇଯିବା ସମାଧି ହୋଇଥାଏ ।

ସମାଧି ହିଁ ଧାନର ପରିଣତି, ଧାନର ନିଷ୍କର୍ଷ । ସେହିପରି ମନକୁ ପ୍ରାତଃକାଳୀନ ଉଦୀୟମାନ ସୂର୍ଯ୍ୟଙ୍କ ଠାରେ ଲଗାଇବା, ଅଟକାଇବା ଧାରଣା ଅଟେ କିନ୍ତୁ ଯେତେବେଳେ ସେହି ଧାରଣା ଏତେ ଗଭୀର ହେବାରେ ଲାଗେ ଯେ ମନ ସେହି ସୂର୍ଯ୍ୟରେ, ସେହି ଛବିରେ, ସେହି ବୃତ୍ତିରେ ଅଟକିଯାଏ, ରହିଯାଏ, ସେତେବେଳେ ତାହା ଧାନ ହୋଇଥାଏ । ମନ ସେହି ବୃତ୍ତିରେ, ସେହି ସୂର୍ଯ୍ୟରେ ପୂର୍ବତଃ ସମାପ୍ତ ହୋଇଯିବା, ଲୟ ହୋଇଯିବା, ବିସର୍ଜିତ ହୋଇଯିବା ହିଁ ସମାଧି । ସେତେବେଳେ ସେଠାରେ ମନ ହିଁ ସୂର୍ଯ୍ୟ ଓ ସୂର୍ଯ୍ୟ ହିଁ ମନ ଅର୍ଥାତ୍ ଧାତା ଓ ଧେୟ ଦୁହେଁ ଏକ ହୋଇଯାନ୍ତି, ଅଭିନ୍ନ ହୋଇଯାନ୍ତି । ସାଧକ ଓ ସବିତା ଦୁହେଁ ଏକ ହୋଇଯାନ୍ତି, ଅଭିନ୍ନ ହୋଇଯାନ୍ତି ।

ଧାତା ଯଜ୍ଞକୁଣ୍ଡରେ ଅଗ୍ନିର ଶିଖା ମଧରେ ବସିଥିବା ସେହି ସମିଧା ଭଳି ହୋଇଥାଏ, ଯାହା ଏବେ ଦୃଶ୍ୟମାନ, କିନ୍ତୁ ଯେତେ ଯେତେ ସେହି ସମିଧାରେ ଅଗ୍ନି ଜଳିବାରେ ଲାଗେ, ଧରିବାରେ ଲାଗେ, ସେତେ ସେତେ ତାହା ଅଗ୍ନିର ଶିଖା ମଧରେ ଅଦୃଶ୍ୟ ହୋଇଯାଏ । ଶେଷରେ ସେହି ସ୍ଥିତି ଆସିଯାଏ, ଯେତେବେଳେ ସମିଧା ପୂର୍ଣ୍ଣ ରୂପେ ଅଗ୍ନିରୂପ ହୋଇଯାଏ । ସେତେବେଳେ ସେହି ସମିଧାର ନିଜର କୌଣସି ସ୍ୱତନ୍ତ୍ର ଅସ୍ତିତ୍ୱ ରହେ ନାହିଁ । ସମିଧା ସ୍ୱୟଂ ମଧ ଅଗ୍ନି ହୋଇଯାଏ । ସେତେବେଳେ ଅଗ୍ନି ଓ ସମିଧା ମଧରେ କୌଣସି ଭେଦ ରହେ ନାହିଁ । ଦୁହେଁ ଅଭେଦ ହୋଇଯାନ୍ତି, ଅଭିନ୍ନ ହୋଇଯାନ୍ତି, ଏକରୂପ ହୋଇଯାନ୍ତି । ସମିଧା ବିଷୟରେ ଋଷିବର ପତଞ୍ଜଳି ଯୋଗସୂତ୍ର(୩.୩)ରେ କହିଛନ୍ତି –

ଯେତେବେଳେ ଧାନରେ କେବଳ ଧେୟ ମାତ୍ରର ହିଁ ପ୍ରତୀତି ହୋଇଥାଏ ଏବଂ ଚିତ୍ତର ନିଜ ସ୍ୱରୂପ ଶୂନ୍ୟ ପ୍ରାୟ ହୋଇଯାଏ, ସେତେବେଳେ ସେହି ଧାନ ସମାଧି ହୋଇଯାଏ । ଯେପରି ଯବକାଚ ଖଣ୍ଡ ମାଧମରେ ସୂର୍ଯ୍ୟଙ୍କ କିରଣ ଏକତ୍ର କଲେ ଅଗ୍ନି ଉତ୍ପନ୍ନ ହୋଇଯାଏ ଏବଂ ସେଥିରେ କାଗଜ ଜଳି ଉଠେ, ସେହିପରି ଧାତାର ଧେୟ ଉପରେ (ପରମାତ୍ମାଙ୍କ ଉପରେ ବା ଧାନର ଅନ୍ୟ ବସ୍ତୁ ଉପରେ) ଧାନ ଯେତେ ଯେତେ ଗଭୀର ହୋଇଯାଏ, ସେତେ ସେତେ ମନରେ ଧାନର ଉର୍ଜାଃ, ଧାନର ଅଗ୍ନି ଏକତ୍ର ହୋଇଯାଏ । ପୁଣି ସେହି ଧାନ ଉର୍ଜାଃ, ଧାନ ଅଗ୍ନି ଏତେ ସଘନ ଓ ତୀବ୍ର ହୋଇଯାଏ ଯେ ସେହି ଧାନାଗ୍ନି ଦ୍ୱାରା ହିଁ ଧାତାର ଅଚେତନ ମନରେ ଅଙ୍କିତ କର୍ମ ସଂସ୍କାରର ବୀଜ ଜଳିଯାଏ ।

ଠିକ୍ ସେହିପରି ସାରା ବନ କ୍ଷେତ୍ରକୁ ଭସ୍ମୀଭୂତ କରିବା ପାଇଁ ଦିଆସିଲିର ଗୋଟିଏ କାଠି ପର୍ଯ୍ୟାପ୍ତ ହୋଇଥାଏ । ଗୋଟିଏ ଛୋଟ ଅଗ୍ନି ସ୍ଫୁଲିଙ୍ଗ ଚାହୁଁ ଚାହୁଁ ଦାବାନଳ ରୂପେ ପରିଣତ ହୋଇଯାଏ ଏବଂ ପୂରା ବନ ପ୍ରଦେଶ ଜଳିପୋଡି ପାଉଁଶ ହୋଇଯାଏ । ସେହିପରି ଚିତ୍ତରେ ଉତ୍ପନ୍ନ ଧାନର ପ୍ରଚଣ୍ଡ ଅଗ୍ନି ଚିତ୍ତରେ ବ୍ୟାପ୍ତ ସଂସ୍କାରଗୁଡିକର ବିଶାଳ ବନ ପ୍ରଦେଶକୁ ଧୀରେ ଧୀରେ କବଳିତ କରିନିଏ ଏବଂ ଚାହୁଁ ଚାହୁଁ ପୂରା ବନ ପ୍ରଦେଶ ଧୂ ଧୂ ହୋଇ ଜଳିଉଠେ । ହଁ, ଏହି ସ୍ଥିତି ରାତାରାତି ତ ଆସିଯାଏ ନାହିଁ, ଏଥିପାଇଁ ସାଧକକୁ ଅବିଚଳିତ ରହି, ନିୟମିତ ରୂପେ, ଧୈର୍ଯ୍ୟ ଓ ଶ୍ରଦ୍ଧାପୂର୍ବକ ଦୀର୍ଘ କାଳ ପର୍ଯ୍ୟନ୍ତ ଧାନର ଅଭ୍ୟାସରେ ଲାଗି ରହିବାକୁ ପଡିଥାଏ । ତାପରେ ଯାଇ ତା'ର ମନରେ ସେହି ପ୍ରଚଣ୍ଡ ଧାନାଗ୍ନି ଉତ୍ପନ୍ନ ହୋଇପାରେ, ଯଦ୍ୱାରା ସେ ନିଜ ଚିତ୍ତର ସଂସ୍କାରଗୁଡିକର ସମୂଳ, ସବୀଜ ନାଶ କରି ପାରିବାରେ ସଫଳ ହୋଇଥାଏ ।

ଜଣେ କମାର ଭାତି ଦ୍ୱକାର ତଳୁ ପବନ ଦେଇ ଦେଇ କୋଇଲାର ଉହ୍ମେଇକୁ ପ୍ରଖର କରିଦିଏ ଓ ସେଥିରୁ ଅଗ୍ନିର ଶିଖା ଉତ୍ପନ୍ନ କରିଦିଏ, ସେତେବେଳେ ସେହି ଉହ୍ମେଇ ଉପରେ ରଖା ହୋଇଥିବା ଲୌହ ଧାତୁ ଉହ୍ମେଇରୁ ପ୍ରକଟ ହୋଇଥିବା ଅଗ୍ନିର ପ୍ରଭାବରେ ଗରମ ହୋଇ ଲାଲ ପଡି ଯାଏ । ସେତେବେଳେ କମାର ସେହି ଲୌହ ଧାତୁକୁ ଉହ୍ମେଇରୁ ବାହାରକୁ ଆଣି ହାତୁଡିରେ ପିଟିଥାଏ, ପୁଣି ତାହା ଯେମିତି ଥଣ୍ଡା ହୋଇଯାଏ, ତାକୁ ପୁନଃ ସେ ସେହି ଉହ୍ମେଇ ଉପରେ ରଖି ଉହ୍ମେଇକୁ ପୁଣି ଥରେ ପବନ ଦେଇ ଉଦ୍ଦୀପ୍ତ କରିଥାଏ, ଯଦ୍ୱାରା ସେହି ଲୁହା ପୁଣି ଗରମ ହୋଇ ଲାଲ ପଡିଯାଏ । ସେହି ଲାଲ ଲୁହାକୁ ବାହାରକୁ ବାହାର କରି ସେ ତାହାକୁ ପୁଣି ହାତୁଡିରେ ପିଟିଥାଏ ।

ସେହି ଲୁହା ସମ୍ପୂର୍ଣ୍ଣ ରୂପେ ଜଙ୍କ ରହିତ ନ ହେବା ପର୍ଯ୍ୟନ୍ତ ବା ତାହାକୁ ମନୋବାଞ୍ଛିତ ଆକାର ନ ଦେବା ପର୍ଯ୍ୟନ୍ତ ଏହି କ୍ରମ ଚାଲିଥାଏ । ଧାନରେ ମଧ ମନ ଏକାଗ୍ର ହୋଇ ଅଗ୍ନିରୂପ ହୋଇଯାଏ, ଯଦ୍ୱାରା ମନର ମଳ, ମନର ସଂସ୍କାର ଜଳିଯାଏ ଏବଂ ଶେଷରେ ମନ ମଧ ସେହି ଅଗ୍ନିରେ ସେହିପରି ସମାପ୍ତ ହୋଇଯାଏ, ଯେପରି ଯେଉଁ କାଠର ଅଗ୍ନି ଦ୍ୱାରା ଚିତାକୁ ଜଳାଯାଏ, ଶେଷରେ ସେହି କାଠକୁ ମଧ ଚିତାର ଅଗ୍ନିରେ ପକାଇ ଦିଆଗଲେ ତାହା ଜଳି ପାଉଁଶ ହୋଇଯାଏ । ଯେପରି ଜଣେ ବଣିଆ ସୁନାର ମଳକୁ ଦୂର କରିବା ଏବଂ ସେଥିରେ ଚମକ ଉତ୍ପନ୍ନ କରିବା ପାଇଁ ପ୍ରଥମେ ଉହ୍ମେଇରେ ଏକ ବିଶେଷ ଯନ୍ତ୍ର ଦ୍ୱାରା ପବନ ଦେଇ ଅଗ୍ନିର ଶିଖା ଉତ୍ପନ୍ନ କରିଥାଏ, ପୁଣି ସେହି ଶିଖାକୁ ଏକ ବିଶେଷ ନଳୀରେ ଫୁଙ୍କି ସୁନା ଧାତୁ ଉପରକୁ ଛାଡିଥାଏ, ଫିଙ୍ଗିଥାଏ, ପହଞ୍ଚାଇ ଥାଏ ଏବଂ ତାହାକୁ ମଝିରେ ମଝିରେ ପିଟିଥାଏ । ଏହି କ୍ରମ ସେହି ସୁନା ଧାତୁ ମଳରହିତ ହୋଇ ଚମକିବା ପର୍ଯ୍ୟନ୍ତ ଜାରୀ ରହିଥାଏ ।

ସେହିପରି ଧାତା ମଧ ଧାନର ଅବସ୍ଥାରେ ଚେତନ ମନରେ ପ୍ରକଟ ହୋଇଥିବା ଧାନର ଅଗ୍ନି, ଧାନର ଉର୍ଜାଃକୁ ଅଚେତନ ମନରେ ଫିଙ୍ଗିଥାଏ, ଛାଡିଥାଏ, ପହଞ୍ଚାଇ ଥାଏ ଏବଂ ଚିତ୍ତର ମଳ ଓ ସଂସ୍କାରଗୁଡିକୁ ଜଳାଇଥାଏ । ଧାନର ଏହି କ୍ରମ, ଉପକ୍ରମ ଦୀର୍ଘ ଅନ୍ତରାଳ ପର୍ଯ୍ୟନ୍ତ ଚାଲିବା ଫଳରେ ଅଚେତନ ମନ ସଂସ୍କାରଶୂନ୍ୟ, ମଳ ରହିତ ହୋଇ ଚମକି ଉଠେ, ପରିଷ୍କୃତ ହୋଇଯାଏ ।

ସେତେବେଳେ ଆତ୍ମା ଉପରେ ଜମିଥିବା ମାୟା ଓ ଅବିଦ୍ୟା ରୂପୀ ମଳର ଆବରଣ ମଧ ସମାପ୍ତ ହୋଇଯାଏ ଏବଂ ଧାତା, ସାଧକ, ଯୋଗୀର ଅବିଦ୍ୟା, ଅସ୍ମିତା, ରାଗ-ଦ୍ୱେଷ, ଅଭିନିବେଶ ଆଦି ପଞ୍ଚକ୍ଲେଶ ତଥା କୃଷ୍ଣ, ଶୁକ୍ଳ ଓ ମିଶ୍ରିତ ଏହିପରି ତିନି ପ୍ରକାରର କର୍ମ-ସଂସ୍କାର ସମୂଳ ନଷ୍ଟ ହୋଇଯାଏ ଏବଂ ଯୋଗୀ, ସାଧକ, ଧାତା, ଜୀବନମୁକ୍ତ ହିଁ କୈବଲ୍ୟ ଅବସ୍ଥାକୁ ପ୍ରାପ୍ତ ହୋଇଯାଏ । ସେତେବେଳେ ତାକୁ ପ୍ରତିକ୍ଷଣ ପରମ ଆନନ୍ଦ, ବ୍ରହ୍ମାନନ୍ଦର ଅନୁଭୂତି ହୋଇଥାଏ । ମହର୍ଷି ପତଞ୍ଜଳିଙ୍କ ଶବ୍ଦରେ କହିବା ତ ସେହି ସମୟରେ ଚିତ୍ତର ବୃତ୍ତିଗୁଡିକ ସମ୍ପୂର୍ଣ୍ଣ ନିରୋଧ ହୋଇଯିବା ଯୋଗୁଁ ଦ୍ରଷ୍ଟାର (ଆତ୍ମାର) ନିଜ ସ୍ୱରୂପରେ ସ୍ଥିତି ହୋଇଯାଏ, ଅର୍ଥାତ୍ ସେ କୈବଲ୍ୟ ଅବସ୍ଥାକୁ ପ୍ରାପ୍ତ ହୋଇଯାଏ ।

କହିବା ତ ଚିତ୍ତର ସଂସ୍କାରଶୂନ୍ୟ, ନିର୍ବିକାର, ନିର୍ବିଚାର ଓ ନିର୍ମଳ ଅବସ୍ଥାର ନାମ ହିଁ ସମାଧି । ଚିତ୍ତର ଏହି ନିର୍ମଳ, ନିର୍ବିକାର ଓ ନିର୍ଦୋଷ ଅବସ୍ଥାରେ ହିଁ ଜୀବାତ୍ମାକୁ ନିଜର ବାସ୍ତବିକ ସତ୍-ଚିତ୍-ଆନନ୍ଦ ସ୍ୱରୂପର ବୋଧ ହୋଇଥାଏ । ସେହି ଅବସ୍ଥାରେ ଆତ୍ମଚେତନା ପରମାତ୍ମା ଚେତନା ସହିତ ଯୋଡିହୋଇ ଚୈତନ୍ୟ ହୋଇଉଠେ । ଆତ୍ମା ଈଶ୍ୱରୀୟ ଉର୍ଜାଃରେ ଓତପ୍ରୋତ ହୋଇଉଠେ ଓ ଆତ୍ମା ତଥା ପରମାତ୍ମାଙ୍କ ମଧରେ ଦିବ୍ୟ ଆଦାନପ୍ରଦାନ ଆରମ୍ଭ ହୋଇଯାଏ ।

ଧାନରେ ଯୋଡି ହେବା ମାତ୍ରେ ଆତ୍ମଚେତନା ପରମାତ୍ମଚେତନା ଦିଗରେ ଆକର୍ଷିତ ହୋଇଯାଏ ଏବଂ ଆନନ୍ଦିତ ହୋଇଥାଏ । ସାଧକ ନିଜର ସ୍ୱ ସହିତ, ଆତ୍ମଚେତନା ସହିତ ପରିଚିତ ହୋଇ ଆତ୍ମୋନ୍ମୁଖୀ ହୋଇଉଠେ । ତା'ର ଅନ୍ତଃକରଣ ଆନନ୍ଦୋର୍ମିରେ କରେ ଝୁମିବାରେ ଲାଗେ । ସାଧକ ବା ଧାତାର ବ୍ୟକ୍ତିତ୍ୱରେ ଅଦ୍‌ଭୁତ ପରିବର୍ତ୍ତନ ଦେଖାଯାଏ, କାରଣ ସେ ଧାନରେ ଈଶ୍ୱରୀୟ ଉର୍ଜାଃ ସହିତ ଯୋଡି ହୋଇଥାଏ । ଈଶ୍ୱରୀୟ ଉର୍ଜାଃରେ ଓତପ୍ରୋତ ହୋଇଥାଏ, ଈଶ୍ୱରୀୟ ଉର୍ଜାଃ, ଈଶ୍ୱରୀୟ ଆନନ୍ଦରେ ଜୁଡୁବୁଡୁ ହୋଇଥାଏ ।

ସେହି ଧାନରେ ଧୀରେ ଧୀରେ ଆହୁରି ଗଭୀରତାକୁ ଓହ୍ଲାଇ, ଧାନର ପ୍ରବଳ ପ୍ରବାହରେ ପ୍ରବାହିତ ହୋଇ ସାଧକ ସ୍ୱୟଂକୁ ବ୍ରହ୍ମ ସମୁଦ୍ରରେ, ବ୍ରହ୍ମ ଆନନ୍ଦରେ ବୁଡିଯିବାର, ଲୀନ ହେବାର, ବିଲୀନ ହେବାର ଅନୁଭବ କରିଥାଏ । ଅନ୍ୟ ପକ୍ଷରେ ଅଚେତନର ପରିଷ୍କାର ଦ୍ୱାରା ଧାତା ଅନେକ ମାନସିକ ବିକାର, ବ୍ୟାଧିରୁ ମଧ ମୁକ୍ତ ହୋଇଯାଏ । ମନ ପରିଷ୍କୃତ ହେବା ଦ୍ୱାରା ସେ କେବଳ ମାନସିକ ରୂପ ନୁହେଁ, ବରଂ ଶାରୀରିକ ରୂପେ ମଧ ସୁସ୍ଥ ହେବାରେ ଲାଗେ । ସେହି ଅବସ୍ଥାରେ ସେ ବିବିଧ ମନୋକାୟିକ ବ୍ୟାଧିଗୁଡିକରୁ ମୁକ୍ତ ହୋଇ ସୁଖୀ ଓ ସୁସ୍ଥ ଜୀବନଯାପନ କରିବାକୁ ଲାଗେ ।

ଧାନ କାରଣରୁ ଉତ୍ପନ୍ନ ମନର ଏକତ୍ର ଉର୍ଜାଃ, ଏକାଗ୍ରତା ଯୋଗୁଁ ସେ ଜୀବନର ଅନ୍ୟ ସାମାଜିକ କ୍ଷେତ୍ରରେ ମଧ ଚତୁର୍ମୁଖୀ ସଫଳତା ପ୍ରାପ୍ତି କରିଥାଏ । ତା'ର ଆତ୍ମବଳ, ମନୋବଳ ଏତେ ପ୍ରଚଣ୍ଡ ହୋଇଯାଏ ଯେ ବିପରୀତରୁ ବିପରୀତ ପରିସ୍ଥିତିରେ ମଧ ସେ ହାର ମାନେ ନାହିଁ ଏବଂ ସେହି ବିପରୀତ ପରିସ୍ଥିତି ଗୁଡିକୁ ମଧ ନିଜ ଅନୁକୂଳ କରିନିଏ । ହତାଶା-ନିରାଶା ତାକୁ କେବେ ଛୁଇଁପାରେ ନାହିଁ, କାରଣ ତା'ର ଜୀବନଦୃଷ୍ଟି ପୂର୍ଣ୍ଣତଃ ସକାରାତ୍ମକ ଓ ଆଶାବାଦୀ ହୋଇଯାଏ ।

ସମାଧି ସେହି ଅଦ୍ୱୈତ ଅବସ୍ଥା ଅଟେ, ଯେଉଁଥିରେ ଜୀବାତ୍ମାକୁ, ସାଧକକୁ, ଧାତାକୁ ଆତ୍ମା ଓ ବ୍ରହ୍ମଙ୍କ ଏକତାର ଅନୁଭୂତି ହୋଇଥାଏ । ବର୍ତ୍ତମାନ ସମୁଦ୍ର ରୂପୀ ବ୍ରହ୍ମଙ୍କ ଧାନ କରୁଥିବା ଧାତା, ଧାନ କରୁଥିବା ମନ ରହିଲା ନାହିଁ, ବଞ୍ଚିଲା ନାହିଁ, ସେ ମଧ ବ୍ରହ୍ମସମୁଦ୍ରରେ ଲୀନ ହୋଇଗଲା, ବିଲୀନ ହୋଇଗଲା, ବିସର୍ଜିତ ହୋଇଗଲା । ଏବେ ଯେଉଁ ମନ ସ୍ୱୟଂ ବ୍ରହ୍ମରୂପ ହୋଇଗଲା, ସେଥିରେ ଅନ୍ୟ କୌଣସି ବୃତ୍ତି କାହିଁକି ଓ କିପରି ଉତ୍ପନ୍ନ ହେବ ?

ଏଠାରେ ତ ଧାତାର, ମନର ନିଜର କୌଣସି ଅଲଗା ଅସ୍ତିତ୍ୱ ରହିଲା ହିଁ ନାହିଁ । ଏଠାରେ ଧାତା, ଧାନ ଓ ଧେୟ ତିନିହେଁ ଏକ ରୂପ ହୋଇଗଲେ, ଏକ ହୋଇଗଲେ । ଏଠାରେ ମନ ରୂପୀ ଘଡିର ଜଳ ଫାଟି ସମୁଦ୍ର ରୂପୀ ବ୍ରହ୍ମ ଜଳରେ ପୂର୍ଣ୍ଣତଃ ଲୀନ, ବିଲୀନ ଓ ବିସର୍ଜିତ ହୋଇଗଲା । ସନ୍ଥ କବୀରଙ୍କ ଶବ୍ଦରେ କହିଲେ –

ଜଳରେ ଘଡି ଅଛି ଓ ଘଡିରେ ଜଳ ଅଛି, ଘଡିର ବାହାରେ-ଭିତରେ ପାଣି ହିଁ ଅଛି, କିନ୍ତୁ ଯେବେ ସେହି ଘଡି ଫାଟିଯାଏ ସେତେବେଳେ ସେହି ଘଡିର ଜଳ ସମୁଦ୍ରର ଜଳରେ ହିଁ ମିଶିଯାଏ ଅର୍ଥାତ୍ ଆତ୍ମାର ପରମାତ୍ମାଙ୍କ ଠାରେ ବିଲୟ ହୋଇଯାଏ । ଏହି ତଥ୍ୟକୁ ଜ୍ଞାନୀ ହିଁ ଜାଣନ୍ତି ।

ଏହା ଆତ୍ମା ଓ ବ୍ରହ୍ମଙ୍କ ଏକତାର, ଆତ୍ମା ଓ ପରମାତ୍ମାଙ୍କ ଏକତାର ଅଭେଦ, ଅଭିନ୍ନ ଓ ଅଦ୍ୱୈତ ସ୍ଥିତି ଅଟେ, ଯାହା ସମାଧି, କୈବଲ୍ୟ, ନିର୍ବାଣ, ମୋକ୍ଷ, ମୁକ୍ତି, ଆତ୍ମସାକ୍ଷାତ୍କାର, ଭଗବଦ୍‌ଦର୍ଶନ ଆଦି ବିବିଧ ନାମରେ ପରିଚିତ । ଏଣୁ ଏକଥା ସ୍ପଷ୍ଟ ଯେ ଧାନର ନିରନ୍ତର ଅଭ୍ୟାସ ଓ ପ୍ରଭାବ ଦ୍ୱାରା ଚିତ୍ତର ବୃତ୍ତିଗୁଡିକ ଯେତିକି ସମାପ୍ତ ହୋଇଯାଏ, ସେତିକି ଚିତ୍ତ ନିର୍ମଳ ହୋଇଯାଏ, ମନ ନିର୍ମଳ ହୋଇଯାଏ ।

ସେହି ନିର୍ମଳ ମନରେ, ନିର୍ମଳ ଚିତ୍ତରେ ସମାଧି ଘଟିତ ହୋଇଥାଏ, ସେତେବେଳେ ସାଧକକୁ ଧାନ କରିବାକୁ ହୋଇ ନ ଥାଏ, ବରଂ ତା' ଭିତରେ ଧାନ ସ୍ୱତଃ ହେବାରେ ଲାଗେ, ଘଟିବାରେ ଲାଗେ । ସେ ବନ୍ଦ ଆଖିରେ ନୁହେଁ, ବରଂ ଖୋଲା ଆଖିରେ ମଧ ଧାନରେ ହିଁ ରହିଥାଏ । କୌଣସି ସୁଖାସନ, ପଦ୍ମାସନ ଆଦି ଆସନରେ ବସି ନୁହେଁ, ବରଂ ଚାଲିବା, ଦୌଡିବା, ଖାଇବା, ଉଠିବା, ବସିବା, ଜାଗିବା, ଶୋଇବା ଅବସ୍ଥାରେ ମଧ ସେ ଧାନରେ ହିଁ ରହିଥାଏ, କାରଣ ସେତେବେଳେ ତା'ର ମନ ହିଁ ଧାନ ହୋଇଯାଏ ।

**ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ**

## ଆଜିର ଚିନ୍ତନ

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସେ ସର୍ବଦା ଅନ୍ୟ ଉପରେ ନିର୍ଭରଶୀଳତାକୁ ଗୁରୁତ୍ୱ ଦେଇଥାଏ । ଯେପରିକି ଆଶ୍ରା, ଆଶ୍ରିତ ଓ ଆଶ୍ରୟକୁ ନେଇ ଜୀବନର ଗତିକୁ ଆଗେଇ ନେଇଥାଏ । ଏହାର ଅର୍ଥ- ଆମେ ସର୍ବଦା ଭଗବାନଙ୍କ ଉପରେ ଆଶ୍ରା କରିବା ଦରକାର । ଯାହା ଉପରେ ଆଶା କରିବା ତାର ହିଁ ଆଶିତ ହେବା ଶ୍ରେୟସ୍କର । କାରଣ ଆମର ତା' ସହିତ ଆସ୍ଥା ଯୋଡ଼ିହେଲା । ଆସ୍ଥା ଯୋଡ଼ିହେଲେ ମନୁଷ୍ୟ ନିଜକୁ ସୁରକ୍ଷା ମଣି ତାରି ପାଖରେ ଆଶ୍ରୟ ନେବାକୁ ସୁଖୀ ମଣେ । ଶାସ୍ତ୍ର କହୁଛି- ମଣିଷ ମାତ୍ରକେ ଗୁରୁ ଓ ଗୋବିନ୍ଦଙ୍କ ଚରଣକୁ ଯିବା ଦରକାର, ନଚେତ୍ ଶାନ୍ତି ଓ ମୁକ୍ତି ମିଳିବ ନାହିଁ । ଗୁରୁ ଚରଣ ମାନେ– ଯାହାର ଆଦର୍ଶ ଆମକୁ ଅନୁପ୍ରାଣିତ କରେ । ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସେହି ନୀତି ଆଦର୍ଶ ସହାୟକ ହେବ । ଯେଉଁ ବ୍ୟକ୍ତି ଗଭୀର ଶ୍ରଦ୍ଧାବାନ ଅଟନ୍ତି ଏବଂ ମନ ଓ ଇନ୍ଦ୍ରିୟକୁ ଦମନ କରିବାର ଅଭ୍ୟାସ କରିଥାଆନ୍ତି, ସେ ଦିବ୍ୟଜ୍ଞାନ ପ୍ରାପ୍ତ କରନ୍ତି । ଏଠାରେ ଆମେ ଦେଖିବା ଦୁଇଟି ଶବ୍ଦକୁ, ଗୋଟିଏ ଶ୍ରଦ୍ଧା ଓ ଅନ୍ୟଟି ଜ୍ଞାନ । ଏଇ ଦୁଇଟି ଶବ୍ଦର ଅର୍ଥ, ଗୁରୁ ଶାସ୍ତ୍ରେଷୁ ବିଶ୍ୱାସକୁ ଶ୍ରଦ୍ଧା କହନ୍ତି ଓ ଯେଉଁଟି ଯାହା ତାକୁ ସେହି ରୂପେ ଜାଣିବା ହେଉଛି ଜ୍ଞାନ । ଯେଉଁଟି ଯାହା ତାକୁ ଅନ୍ୟ ରୂପରେ ଦେଖିବା ହେଉଛି ଅଜ୍ଞାନ । ଏଠାରେ ଜ୍ଞାନ ଅର୍ଥ ଦିବ୍ୟଜ୍ଞାନକୁ ବୁଝାଉଛି । ତାହା ଏପରି ଏକ ବିଷୟ, ଯାହାର ପ୍ରାପ୍ତିରେ ମନୁଷ୍ୟ ପବିତ୍ରୀକରଣ ହୋଇଯାଏ । ସୁଖ ଶାନ୍ତି ପ୍ରାପ୍ତି କରେ । ଅଜ୍ଞାନ ହେଉଛି ଆମର ବନ୍ଧନର କାରଣ ଏବଂ ଜ୍ଞାନ ହେଉଛି ଆମର ମୁକ୍ତିର କାରଣ । ଯେତେବେଳେ ବ୍ୟକ୍ତି ଦିବ୍ୟଜ୍ଞାନ ସ୍ତରରେ ଅବସ୍ଥାନ କରେ, ସେତେବେଳେ ସେ ଆଉ ଅନ୍ୟତ୍ର ଶାନ୍ତିର ଅନ୍ୱେଷଣ କରିବା ଦରକାର ନାହିଁ । କାରଣ ସେ ନିଜ ମଧରେ ହିଁ ଶାନ୍ତି ପାଏ । ଦିବ୍ୟଜ୍ଞାନର ବୃଦ୍ଧି ଘଟିଲେ ତାର ସମସ୍ତ ସନ୍ଦେହ ଦୂରୀଭୂତ ହୋଇଯାଏ । ଶ୍ରଦ୍ଧା ଦ୍ୱାରା ଜ୍ଞାନ ପ୍ରାପ୍ତ ହୁଏ ଏବଂ ଯେଉଁ ଶ୍ରଦ୍ଧା, ଗୁରୁ ଓ ଶାସ୍ତ୍ର ଉପରେ ବିଶ୍ୱାସ କଲେ ଯାଇ ମିଳିବ । ବିଶ୍ୱାସ ମଧ ସହଜେ ହେବନାହିଁ । କାରଣ ବିଶ୍ୱାସ ଅନୁଭବର କଥା । ଯେବେ ବିଦ୍ୟାର୍ଥୀ ଗୁରୁ ଓ ଶାସ୍ତ୍ର ଅନୁମୋଦିତ ନିୟମ ଅନୁଯାୟୀ ଚାଲିବ । ନିଜ ଜୀବନର କର୍ତ୍ତବ୍ୟକୁ ସେହି ରୂପେ ପାଳନ କରିବ । ତେବେ ଯାଇ ଅନୁଭବ ଓ ବିଶ୍ୱାସ ହେବ । ଏଣୁ ଆମେ ଅଜ୍ଞାନଜନିତ କଷ୍ଟକୁ ଜ୍ଞାନରୂପକ ଖଡଗ୍ ଦ୍ୱାରା କାଟିବା ପାଇଁ ସକ୍ଷମ ହୋଇ ପାରିଲେ ସର୍ବଦା ସୁଖ ଓ ଶାନ୍ତିରେ ଜୀବନ ଅତିବାହିତ କରିପାରିବା ।

ବର୍ଷ ୨୭, ସଂଖ୍ୟା- ୧୪, ୨ - ୮ ଏପ୍ରିଲ ୨୦୨୩

# ବଦଳୁଥିବା ଜଳବାୟୁର ପ୍ରଭାବ

ଜଳବାୟୁ ଅସନ୍ତୁଳନ ଯୋଗୁଁ ଆଜି ପର୍ଯ୍ୟାବରଣ ଦୟନୀୟ ଭାବେ ପ୍ରଭାବିତ । ଦେଶର ଯେଉଁ ରାଜ୍ୟ ଗୁଡିକରେ ବର୍ଷା ହୋଇଥାଏ, ସେଠାରେ ଅତି ବୃଷ୍ଟି କାରଣରୁ ଜନଜୀବନ ସାଂଘାତିକ ଭାବେ କ୍ଷତିଗ୍ରସ୍ତ ହୋଇଥାଏ ଏବଂ ଯେଉଁଠାରେ ବର୍ଷା ହୁଏ ନାହିଁ ଅଥବା କମ୍ ହୋଇଥାଏ ସେଠାରେ ମରୁଡିର ସ୍ଥିତି ଉତ୍ପନ୍ନ ହୋଇଥାଏ । କେଉଁଠି କେଉଁଠି ତ ଫସଲଗୁଡିକର ନ୍ୟୁନତମ ଆବଶ୍ୟକତାକୁ ପୂର୍ବ କଲା ଭଳି ବର୍ଷା ମଧ ହୋଇ ନ ଥାଏ ।

ସ୍ପଷ୍ଟ କହିବାକୁ ଗଲେ ବିଭିନ୍ନ ଋତୁ, ବିଶେଷ କରି ମୌସୁମି ସାଂଘାତିକ ଭାବେ ଅଧିକାଂଶ ଜନତାଙ୍କ ଉପରେ କୌଣସି ନା କୌଣସି ରୂପେ ନକାରାତ୍ମକ ପ୍ରଭାବ ପକାଇଥାଏ ଏବଂ ଆମ ପାଖରେ ଏପରି କୌଣସି ଯୋଜନା ନାହିଁ, ଯାହା ବର୍ଷା ପାଣିର ଅଧିକତମ ଉପଯୋଗ ପାଇଁ ତାହାର ସଂଚୟ କରି ପାରିବ । କେତେକ ଲୋକ ମାନନ୍ତି ଯେ କମ୍ ବା ଅଧିକ ବର୍ଷା ବି ଗ୍ଲୋବାଲ ୱାର୍ମିଙ୍ଗର ହିଁ ପରିଣାମ ଅଟେ ।

ଗ୍ଲୋବାଲ ୱାର୍ମିଙ୍ଗ ସମଗ୍ର ଦୁନିଆ ପାଇଁ ଆଜି ଏକ ଗମ୍ଭୀର ସମସ୍ୟା ଭାବେ ଉଭା ହୋଇଛି । ଏଥିରେ ଦ୍ୱିମତ ନାହିଁ ଯେ ଦୁନିଆର ଦେଶଗୁଡିକ ଓ ସେଗୁଡିକର ନେତୃତ୍ୱମାନଙ୍କ ଦ୍ୱାରା ଏହି ସମସ୍ୟାରୁ ମୁକୁଳିବା ଦିଗରେ ଅନେକାନେକ ପ୍ରୟାସ କରାଯାଉଛି, ବ୍ୟାପକ ସ୍ତରରେ ସଭା-ସମେଳନ ଏହାର ଜୀବନ୍ତ ପ୍ରମାଣ । ବର୍ତ୍ତମାନର ପରିସ୍ଥିତି ସମସ୍ୟାର ଭୟାବହତା ଦିଗରେ ଇଙ୍ଗିତ କରୁଛି ; କାରଣ ଜଳବାୟୁ ପରିବର୍ତ୍ତନର ଦୁଷ୍ପ୍ରଭାବଗୁଡିକରୁ ମୁକୁଳିବାର ଅନେକ ପ୍ରୟାସ ସତ୍ତ୍ୱେ ପୃଥିବୀର ତାପମାତ୍ରା ଲଗାଏତ ବୃଦ୍ଧି ପାଉଛି । ପୃଥିବୀର ତାପମାତ୍ରା ବୃଦ୍ଧିର ସବୁଠାରୁ ଅଧିକ ଦୁଷ୍ପ୍ରଭାବ ଦକ୍ଷିଣ ଏସିଆର ଦେଶ ଯଥା-ଭାରତ, ପାକିସ୍ଥାନ ଓ ବଙ୍ଗଳାଦେଶ ଉପରେ ପଡୁଛି ।

ଦେଖିବାକୁ ଗଲେ ଏହି ତିନି ଦେଶରେ ଦୁନିଆର ୨୦ ପ୍ରତିଶତରୁ ଅଧିକ ଗରିବ ରହନ୍ତି, ଯେଉଁମାନେ ସିଧାସଳଖ ଏହି ବିପଦର ମୁକାବିଲା କରି ପାରିବାରେ ଅସମର୍ଥ । ମାସାଚ୍ୟୁସେଟ୍ସ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜୀର ବୈଜ୍ଞାନିକମାନେ କହିଛନ୍ତି ଯେ ପୃଥିବୀର କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରା ଭାରତ, ପାକିସ୍ଥାନ ଓ ବଙ୍ଗଳାଦେଶ ପାଇଁ ଅଧିକ ଚିନ୍ତାଜନକ । କାରଣ ଏହି ଦେଶଗୁଡିକର ଅଧିକାଂଶ ଜନସଂଖ୍ୟା କୃଷି କାର୍ଯ୍ୟରେ ଜଡିତ ରହି ସିଧା ସିଧା ସୂର୍ଯ୍ୟଙ୍କ ଦ୍ୱାରା ପ୍ରଭାବିତ ହୋଇଥାନ୍ତି । ଏହି କାରଣରୁ ସେହି ଦେଶଗୁଡିକ, ଯେଉଁଠି ଲୋକେ କୃଷି କାର୍ଯ୍ୟ ଠାରୁ ଦୂର କୃତ୍ରିମ ବାତାବରଣରେ ରହନ୍ତି, ସେମାନଙ୍କ ତୁଳନାରେ ପାକିସ୍ଥାନ ଓ ବଙ୍ଗଳାଦେଶର କୃଷି ଉତ୍ପାଦନ ଉପରେ ଜଳବାୟୁ ପରିବର୍ତ୍ତନର ଅଧିକ ନକାରାତ୍ମକ ପ୍ରଭାବ ପଡିବ । ଏହି ସଂକଟରୁ ମୁକୁଳିବା ଏମାନଙ୍କ ପାଇଁ କଷ୍ଟକର ହୋଇଯିବ ।

ଏତିକି ନୁହେଁ, ମାନବୀୟ ଗତିବିଧଗୁଡିକ କାରଣରୁ ହେଉଥିବା କାର୍ବନ ଉତ୍ସର୍ଜନ ଦ୍ୱାରା ଧାନ, ଗହମ ଓ ଅନ୍ୟ ମୁଖ୍ୟ ଶସ୍ୟଗୁଡିକର ପୋଷକତାରେ ଅଭାବ ହେବାର ବିପଦ ଘୋଟି ରହିଛି । ଏପରି ସ୍ଥିତିରେ ଦୁନିଆର ବହୁତ ବଡ ଜନସଂଖ୍ୟା ପ୍ରୋଟିନର ଅଭାବ ସହିତ ଯୁଝିବ ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ କାର୍ବନ – ଡାଇଅକ୍ସାଇଡ୍‌ର ଉତ୍ସର୍ଜନ ସ୍ତର ଆଗାମୀ ବର୍ଷଗୁଡିକରେ ଏହି ପ୍ରକାର ବଢି ଚାଲିଲେ ସନ ୨୦୫୦ ବେଳକୁ ଦୁନିଆର ୧୮ଟି ଦେଶର ଜନସଂଖ୍ୟା ପାଇଁ ଖାଦ୍ୟରେ ମହଜୁଦ ଥିବା ପ୍ରୋଟିନର ମାତ୍ରାରେ ୫ ପ୍ରତିଶତ କମ୍ ହୋଇଯିବ । ଆମେରିକାର ହାୱାର୍ଡ ସ୍କୁଲ ଅଫ ପବ୍ଲିକ ହେଲ୍‌ଥର ଅଧ୍ୟୟନ ଅନୁସାରେ ବାତାବରଣରେ କ୍ରମାଗତ ଭାବେ କାର୍ବନ ଡାଇଅକ୍ସାଇଡ ବଢିବା କାରଣରୁ ଦୁନିଆରେ ଅତିରିକ୍ତ ୧୫ କୋଟି ଲୋକଙ୍କ ମଧରେ ପ୍ରୋଟିନ କମିଯିବାର ବିପଦ ଆଶଂକାକୁ ଏଡାଇ ଦିଆଯାଇ ନ ପାରେ । ବ୍ୟାପକ ସ୍ତରରେ ଦୁନିଆର ପ୍ରାୟ ୭୬ ପ୍ରତିଶତ ଜନସଂଖ୍ୟା ପ୍ରୋଟିନର ଆବଶ୍ୟକତାକୁ ଫସଲଗୁଡିକରୁ ହିଁ ପୂରଣ କରନ୍ତି । ପୁଣି ଯେତେବେଳେ ଫସଲଗୁଡିକ ଉପରେ ବିପଦ ଘୋଟି ରହିଛି, ସେହି ସ୍ଥିତିରେ ଜନସମୂହ ପାଇଁ ପ୍ରୋଟିନର ଆଶା ରଖିବା ନିରର୍ଥକ ସିଦ୍ଧ ହେବ ।

ସବୁଠାରୁ ବଡ କଥା ହେଲା ବନ୍ୟା ଓ ମରୁଡି ସହିତ ତାପମାତ୍ରାର ବୃଦ୍ଧିକୁ ବି ଜଳବାୟୁ ପରିବର୍ତ୍ତନ ଠାରୁ ଅଲଗା କରି ଦେଖାଯାଇ ନ ପାରେ ।

କାଲିଫର୍ନିଆ ୟୁନିଭର୍ସିଟିର ବୈଜ୍ଞାନିକମାନେ ଦାବି କରିଛନ୍ତି ଯେ ଭାରତରେ କୃଷକମାନଙ୍କର ଆତ୍ମହତ୍ୟା ପଛରେ ଜଳବାୟୁ ପରିବର୍ତ୍ତନ ଏକ ମୁଖ୍ୟ କାରଣ । ସେମାନଙ୍କ କହିବା ଅନୁସାରେ ଫସଲ ପ୍ରସ୍ତୁତ ବେଳେ ଯଦି ତାପମାତ୍ରାରେ ଏକ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ହୁଏ ତ ଦେଶରେ ୬୫ କୃଷକ ଆତ୍ମହତ୍ୟା କରନ୍ତି ଏବଂ ଯଦି ତାପମାତ୍ରା ୫ ଡିଗ୍ରୀ ବଢିଯାଏ ତ ସେହି ସଂଖ୍ୟା ପାଞ୍ଚ ଗୁଣ ବଢିଥାଏ । ଏପରି ପରିସ୍ଥିତି ଗୁଡିକ ହିଁ କୃଷକମାନଙ୍କୁ ଆତ୍ମହତ୍ୟା ପାଇଁ ବିବଶ କରିଥାଏ । ସମଗ୍ର ଦୁନିଆରେ ୭୩ ପ୍ରତିଶତ ଆତ୍ମହତ୍ୟାର ଘଟଣା ବିକାଶଶୀଳ ଦେଶଗୁଡିକରେ ହୋଇଥାଏ । ଏଥି ମଧରୁ ୨୦ ପ୍ରତିଶତ ଭାରତରେ ହିଁ ହୋଇଥାଏ ।

ଆମ ଦେଶରେ ପ୍ରତ୍ୟେକ ବର୍ଷ ଏକ ଲକ୍ଷ ୩୦ ହଜାରରୁ ଅଧିକ ଆତ୍ମହତ୍ୟା ହୋଇଥାଏ । ସନ ୧୯୮୦ ତୁଳନାରେ ଦେଶରେ ଆତ୍ମହତ୍ୟାର ହାର ଦୁଇ ଗୁଣରୁ ମଧ ଅଧିକ ହୋଇଯାଇଛି । ଆମେରିକାର ବୈଜ୍ଞାନିକମାନେ ଦାବି କରିଛନ୍ତି ଯେ ୨୦୫୦ ସୁଦ୍ଧା ଯଦି ତାପମାତ୍ରାରେ ତିନି ଡିଗ୍ରୀ ବୃଦ୍ଧି ହୁଏ ତ ଆତ୍ମହତ୍ୟାର ମାମଲା ବଢିବ, ଏହି ସତ୍ୟକୁ ଏଡାଇ ଦିଆଯାଇ ନ ପାରେ । ଏଥିପାଇଁ ଏବେ ହାତ ବାନ୍ଧି ବସି ରହିବା ଅନୁଚିତ, ସଚେତନ ହେବାର ଆବଶ୍ୟକତା ରହିଛି । ଏଥିରେ ଦ୍ୱିମତ ନାହିଁ ଯେ ଜଳବାୟୁ ପରିବର୍ତ୍ତନର ସମସ୍ୟା ଆଜିର ସମୟରେ ଭୟଙ୍କର ରୂପ ଧାରଣ କରିଛି । ଏହାର ସମ୍ମୁଖୀନ ହେବା ଏତେ ସହଜ ନୁହେଁ । ଏଥିପାଇଁ ପ୍ରତ୍ୟେକଙ୍କୁ କାର୍ବନ ଉତ୍ସର୍ଜନ କମ୍ କରିବା ପାଇଁ ପ୍ରୟାସ କରିବା ଉଚିତ ।

ଏ ସନ୍ଦର୍ଭରେ ସରକାରୀ ନୀତିଗୁଡିକ ମଧ କମ୍ ହଇରାଣ କରୁ ନାହିଁ । ପ୍ରତିଜ୍ଞା ଯାହା ବି କରାଯାଉଛି ଅଥବା କିଛି ରାଜ୍ୟରେ କୃଷି ଋଣ ଆଦି ଛାଡ ମଧ କରି ଦିଆଯାଉଛି, କିନ୍ତୁ ବାସ୍ତବ ସ୍ଥିତି ଏପରି ଯେ ଚାଷ ସମ୍ବନ୍ଧୀୟ ଏକ ସମଗ୍ର ଓ ଦୂରଗାମୀ ନୀତିର ଘୋର ଅଭାବ ରହିଛି । ଉଲ୍ଲେଖନୀୟ ହେଉଛି ଯେ କୃଷକମାନଙ୍କର ଦାବି ବହୁତ ସୀମିତ ଏବଂ ଅଳ୍ପ ଉଦାହରଣ ସ୍ୱରୂପ ଖାଦ୍ୟ, ପାଣି ଓ ଶସ୍ତା ବିଜୁଳି ମିଳିବା ସହିତ ଉତ୍ପାଦନର ନ୍ୟୁନତମ ମୂଲ୍ୟ ସ୍ଥିର କରିବା, କିନ୍ତୁ ଏହା ହେଉ ନାହିଁ । ଯାବତୀୟ ଆଶ୍ୱାସନା ସତ୍ତ୍ୱେ ସରକାର ବିଭିନ୍ନ ଫସଲର ନ୍ୟୁନତମ ମୂଲ୍ୟ ନିର୍ଦ୍ଧାରଣ କରିବାକୁ ଦେଶରେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇ ନାହାନ୍ତି ।

ଏପରି ସ୍ଥିତିରେ ଏକ ପକ୍ଷରେ ଯେଉଁଠି କୃଷକ ଅତି ବୃଷ୍ଟି ବା ମରୁଡି ଦ୍ୱାରା ହଇରାଣ ହେଉଛି, ସେଠାରେ ବର୍ତ୍ତମାନ ଜୀବନରେ ସରକାରୀ ନୀତିଗୁଡିକ ମଧ ତାକୁ କୌଣସି ଆଶା-ଭରସା ଦେଇପାରୁ ନାହିଁ । ପ୍ରକୃତି ଉପରେ ତ ବ୍ୟକ୍ତିର ନିୟନ୍ତ୍ରଣ ନାହିଁ ଏବଂ ସମ୍ବନ୍ଧିତ ଯୋଜନାଗୁଡିକ ଦୂରଗାମୀ ଅଟେ, ପରନ୍ତୁ ସରକାର ସ୍ତରରେ କୃଷକର ହିତ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ହେବା ଦରକାର ଏବଂ ତା'ର ଦୁରବସ୍ଥାର ସ୍ଥିତି ଯେକୌଣସି ପ୍ରକାରେ ଦୂର ହେବା ଉଚିତ । ଆମେ କୃଷି ପାଇଁ ଦୂରଗାମୀ ଏବଂ ସ୍ଥାୟୀ ଯୋଜନା ପ୍ରସ୍ତୁତ କରି ଏହାର କ୍ରିୟାନ୍ୱୟନ କରିବା ଉଚିତ ।



# ଅନ୍ଧବିଶ୍ୱାସ

## ମହାତ୍ମା ଗାନ୍ଧୀ

ସମୁଚିତ ଜୀବନଟିଏ ଯାପନ କରିବାକୁ ଆରମ୍ଭ କରିବା ସଙ୍ଗେ ସଙ୍ଗେ ଆମର ଅନ୍ଧବିଶ୍ୱାସ ତଥା ଅକାମ୍ୟ ଆହୁରି ଅନେକ ବିଷୟ ଆମକୁ ଛାଡ଼ି ଚାଲିଯାଏ । ମୁଁ କାହାର କୌଣସି ବିଶ୍ୱାସ ସହିତ ସମ୍ପୃକ୍ତ ନୁହେଁ, ମୁଁ ସମସ୍ତଙ୍କୁ କେବଳ ଉଚିତ କାର୍ଯ୍ୟଟିକୁ କରିବାକୁ ହିଁ ଅନୁରୋଧ କରୁଛି । ଲୋକେ ଯେତେବେଳେ ତାହାକୁ କରିବାକୁ ଆରମ୍ଭ କରିବେ, ସେତେବେଳେ ସେମାନଙ୍କର ବିଶ୍ୱାସ ମଧ ନିଜକୁ ସଂଶୋଧନ କରିନେବ ।

'ପୁରାତନ' କହିଲେ ଯାହାକିଛିକୁ ବୁଝାଏ, ମୁଁ ଆଖି ବୁଜିଦେଇ ଓ ଅନ୍ଧବିଶ୍ୱାସ ଦ୍ୱାରା ପ୍ରେରିତ ହୋଇ ସେଗୁଡ଼ିକର ଆଦୌ ଉପାସନା କରେନାହିଁ । ଯାହାକିଛି ମନ୍ଦ ଓ ନୀତିବର୍ଜିତ, ତାହା ଯେତେ ପୁରାତନ ହୋଇଥାଉ ପଛକେ, ସେଗୁଡ଼ିକୁ ବିଲୁପ୍ତ କରିଦେବା ଲାଗି ମୁଁ କେବେ ହେଲେ କୁଣ୍ଠା ପ୍ରକାଶ କରିନାହିଁ । କିନ୍ତୁ, ସେତିକି କହିସାରିବା ପରେ ମୁଁ ତୁମ ପାଖରେ ଅବଶ୍ୟ ସ୍ୱୀକାର କରିବି ଯେ, ପୁରାତନ ଅନୁଷ୍ଠାନଗୁଡ଼ିକ ପ୍ରତି ମୋ'ର ଗଭୀର ଶ୍ରଦ୍ଧା ମଧ ରହିଛି । ସବୁକିଛି ଆଧୁନିକ ପାଇଁ ଆପଣାର ଅଧୀର ଦଉଡ଼ରେ ଲୋକମାନେ ଯେତେବେଳେ ପୁରୁଣା ମାତ୍ରକେ ସେମାନଙ୍କର ସକଳ ପରମ୍ପରାକୁ ଘୃଣା କରି ବସନ୍ତି ଓ ନିଜ ଜୀବନରେ ସେଗୁଡ଼ିକ ପ୍ରତି ଅବହେଳା ପ୍ରଦର୍ଶନ କରନ୍ତି, ଏକଥା ଭାବି ମୁଁ ଅତୀବ ଆଘାତ ପାଇଥାଏ ।

ମୁଁ ଭାବୁଛି, ମୋ'ଭିତରେ କୌଣସି ଅନ୍ଧବିଶ୍ୱାସ ନାହିଁ । କେବଳ ତାହା ପୁରାତନ ବୋଲି ସତ୍ୟକୁ ସତ୍ୟ ବୋଲି କଦାପି କୁହାଯାଏ ନାହିଁ । ତାହା ପୁରାତନ ବୋଲି ହିଁ ତାହାକୁ ଅନ୍ୟ ପକ୍ଷରେ ଆଦୌ ସନ୍ଦେହର ଚକ୍ଷୁରେ ଦେଖିବା ଉଚିତ୍ ନୁହେଁ । ଜୀବନରେ କେତୋଟି ମୂଳଭୂତ କଥା ସବୁବେଳେ ରହିଥାଏ, ସେଗୁଡ଼ିକୁ ଆମେ ନିଜ ଜୀବନର ଅଭ୍ୟାସରେ ପକାଇବାକୁ ଆୟାସସାଧ ବୋଲି ଅନୁଭବ କରୁଥିବାରୁ ହିଁ କଦାପି ହାଲୁକା ଭାବରେ କିଛିନୁହେଁ ବୋଲି କହି ପାରିବା ନାହିଁ ।

ଏକ ଶୁଦ୍ଧ ଜୀବନ ପାଇଁ ଆକାଂକ୍ଷା ରଖିଥିବା ପ୍ରତ୍ୟେକ ବ୍ୟକ୍ତି ମୋ'ଠାରୁ ଜାଣି ରଖିଥାଉ ଯେ, ଏକ ଅଶୁଦ୍ଧ କାର୍ଯ୍ୟ ପରି ଗୋଟିଏ ଅଶୁଦ୍ଧ ଭାବନା ମଧ ଶରୀର ନିମନ୍ତେ ସମାନ ପରିମାଣରେ ଶକ୍ତିଶାଳୀ ଭାବରେ ଅନିଷ୍ଟକାରକ ହୋଇଥାଏ ।

ମନୁଷ୍ୟ ନିଜକୁ ଯାହା ବୋଲି ବିଶ୍ୱାସ କରେ, ଅନେକ ସମୟରେ ସେ ପ୍ରକୃତରେ ତାହା ହିଁ ହୁଏ । ଯଦି ମୁଁ ଗୋଟିଏ କାମକୁ କରି ପାରିବି ନାହିଁ ବୋଲି ସବୁବେଳେ ଗୁଣି ହେଉଥାଏ, ତେବେ ଏହା ସମ୍ପୂର୍ଣ୍ଣ ସମ୍ଭବ ଯେ, ମୁଁ ସେହି କାର୍ଯ୍ୟଟିକୁ କରିବାଲାଗି ପରିଶେଷରେ ଅସମର୍ଥ ହୋଇ ହିଁ ରହିଯାଏ । ଅନ୍ୟ ପକ୍ଷରେ, ମୁଁ ଏଇଟିକୁ କରି ପାରିବି ବୋଲି ମୋ'ର ବିଶ୍ୱାସ ରହିଥାଏ, ତେବେ, ପ୍ରଥମ ଅବସ୍ଥାରେ ମୋ'ର ସେଥିଲାଗି ସାମର୍ଥ୍ୟ ନଥିଲେ ମଧ ମୁଁ ସେହି ସାମର୍ଥ୍ୟକୁ ଅବଶ୍ୟ ହାସଲ କରିଥାଏ ।

ତୁମର ଭାବନା ଅନୁସାରେ ହିଁ ତୁମେ ଯାହାକିଛି ହୋଇଥାଅ । କର୍ମରେ ନିଜକୁ ବ୍ୟକ୍ତ କରି ନ ଥିବା ପର୍ଯ୍ୟନ୍ତ ଭାବନା କଦାପି ପୂର୍ଣ୍ଣ ହୁଏ ନାହିଁ ଏବଂ କର୍ମ ତୁମର ଭାବନାକୁ ସୀମା ଦେଇ ବାନ୍ଧି ଦେଇଥାଏ । ଉଭୟ ମଧରେ କେବଳ ଏକ ସଂଗତି ରହିଥିବା ସମୟରେ ହିଁ ଏକ ପୂର୍ଣ୍ଣ ଏବଂ ସ୍ୱାଭାବିକ ଜୀବନ ସମ୍ଭବ ହୋଇପାରେ ।

ଦେଶର ଯୁବସମାଜ ଉପରେ ହିଁ ମୋ'ର ଆସ୍ଥା ରହିଛି । ସେମାନଙ୍କ ମଧରୁ ଯେଉଁମାନେ କୌଣସି ପାପର କବଳରେ ପଡ଼ି ଯାଇଛନ୍ତି, ସ୍ୱଭାବତଃ ସେମାନେ କଦାପି ପାପପ୍ରବଣ ନୁହନ୍ତି । ସେମାନେ ବଡ଼ ଅସହାୟ ଏବଂ ଅଚେତନ ଭାବରେ ତା'ଭିତରକୁ ଆକର୍ଷିତ ହୋଇ ଯାଇଛନ୍ତି । ତାହା ଫଳରେ ସେମାନଙ୍କର ତଥା ସମାଜର ଯେଉଁ କ୍ଷତି ହୋଇଛି, ସେକଥା ସେମାନଙ୍କୁ ହୃଦୟଙ୍ଗମ କରିବାକୁ ପଡ଼ିବ । କେବଳ ଏକ କଠୋର ଶୃଙ୍ଖଳାବଦ୍ଧ ଜୀବନ ହିଁ ଚରମ ବିନାଶରୁ ସେମାନଙ୍କୁ ଓ ସେମାନଙ୍କର ଦେଶକୁ ରକ୍ଷା କରି ପାରିବ, ସେମାନଙ୍କୁ ଏକଥା ବୁଝିବାକୁ ହିଁ ପଡ଼ିବ ।

ଉଚ୍ଚ ବର୍ଗର ଯୁବକମାନଙ୍କୁ ବର୍ତ୍ତମାନ ଫେଶନ ହେବାର ଯେଉଁ ଉନ୍ମାଦ ଗ୍ରାସ କରିଛି, ଅତ୍ୟନ୍ତ ଉଦ୍‌ବେଗର ସହିତ ମୁଁ ତାହାକୁ ଲକ୍ଷ୍ୟ କରି ଆସୁଛି । ପାଶ୍ଚାତ୍ୟରୁ ଆସିଥିବା ଏହି ସମ୍ମୋହନକାରୀ ଆଖି ଝଲସାଗୁଡ଼ିକର ଦାସ ହୋଇ ସେମାନେ କିପରି ସେମାନଙ୍କର ଦରିଦ୍ରତମ ଦେଶବାସୀ ମାନଙ୍କଠାରୁ ନିଜକୁ ବିଚ୍ଛିନ୍ନ କରି ନେଉଛନ୍ତି, ସେକଥା ସେମାନେ ମୋଟେ ଜାଣୁ ନାହାନ୍ତି । ଦରିଦ୍ର ଦେଶବାସୀ କେବେହେଲେ ସେହିସବୁ ଫେଶନକୁ ଗ୍ରହଣ କରି ପାରିବେ ନାହିଁ । ମୁଁ ଏକଥା ମଧ ଭାବିବାକୁ ବାଧ ହେଉଛି ଯେ, ସରଳତାର ବିନିମୟରେ ଏହି ଉପର ଦେଖାଣିଆ ଚାକଚକ୍ୟକୁ ମାଗିଆଣିବା ଫଳରେ ପରିଣାମରେ ତାହା ଏକ ଜାତୀୟ ବିପର୍ଯ୍ୟୟ ଏବଂ ଏକ ବୃହତ୍ ଜାତୀୟ ବିପତ୍ତିରେ ପରିଣତ ହୋଇଯିବ ।

# ପରମ ଆନନ୍ଦର ଦ୍ୱାର...

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ଯେପରି କିଛି ଦିନର ଉଡିବା ଓ ଉଡାଇବାର ଅଭ୍ୟାସ ଦ୍ୱାରା ଯେତେବେଳେ ଗୋଟିଏ ଛୋଟ ଚଢେଇ ଉଡିବା ଶିଖାଏ, ସେତେବେଳେ ଉଡିବା ତା' ପାଇଁ ଅଭ୍ୟାସ ନୁହେଁ, ବରଂ ତା'ର ସ୍ୱଭାବ ହୋଇଯାଏ । ଉଡାଣ ସବୁ ସମୟରେ ତା' ଡେଣାରେ ସମ୍ମିଳିତ ରହିଥାଏ, ସେଥି ପାଇଁ ସେ ଯେତେବେଳେ ଚାହେଁ ଉଚ୍ଚ ନୀଳ ଆକାଶରେ, ବିଶାଳ ବନ ପ୍ରଦେଶ, ବିଶାଳ ସାଗର ଉପରେ ଉଡି ବୁଲେ ।

ସେହିପରି ଧ୍ୟାନର ନିରନ୍ତର ଅଭ୍ୟାସ ଦ୍ୱାରା ଯେତେବେଳେ ଧ୍ୟାତା ମଧରେ ଧ୍ୟାନ ବସିଯାଏ, ଧ୍ୟାନ ତା'ର ଅନ୍ତରରେ ସ୍ଥାୟୀ ରୂପେ ଅବତରଣ କରିଯାଏ, ଯେତେବେଳେ ତା'ର ମନ ହିଁ ଧ୍ୟାନ ହୋଇଯାଏ, ସେତେବେଳେ ସେ ଉଠିବା, ବସିବା, ଚାଲିବା, ବୁଲିବା, ନିଜର କାର୍ଯ୍ୟ ବ୍ୟାପାର କରିବା ବେଳେ ଧ୍ୟାନରେ ହିଁ ରହିଥାଏ, ସେ ଧ୍ୟାନରେ ହିଁ ଉଡିଥାଏ । ସେ ପ୍ରତିକ୍ଷଣ ନିଜ ଅନ୍ତରର ଅନ୍ତରୀକ୍ଷରେ, ଉଚ୍ଚ ନୀଳ ଗଗନରେ ଉଚ୍ଚକୁ ଉଚ୍ଚକୁ ଉଡି ଆନନ୍ଦିତ ହୋଇଥାଏ । ସେ ନିଜର ଆତ୍ମଲୋକର ଉନ୍ମୁକ୍ତ ଗଗନରେ ଉଡି ଉଡି ଉଲ୍ଲସିତ ଓ ଆହ୍ଲାଦିତ ହୋଇଥାଏ ।

ଏହା ସେହି ଅବସ୍ଥା, ଯେଉଁଥିରେ ସାଧକର ମନ ସର୍ବଦା ବ୍ରହ୍ମଙ୍କ ଠାରେ ଲୀନ, ବିଲୀନ, ବିସର୍ଜିତ ହୋଇଥାଏ । ଯେବେ ଧ୍ୟାତା, ଧ୍ୟାନ ଓ ଧ୍ୟେୟ ତିନି ହେଁ ଏକରୂପ ହୋଇଯାନ୍ତି ତ ପୁଣି କିଏ କାହାର ଧ୍ୟାନ କରିବ ? ଏବେ ସେ ସମସ୍ତ ବନ୍ଧନ ଭାଙ୍ଗି ମୁକ୍ତ, ଉନ୍ମୁକ୍ତ । ଏହା ସେହି ଅବସ୍ଥା, ଯେଉଁଥିରେ ସାଧକ, ଧ୍ୟାତା ଆଶା-ନିରାଶା, ମାନ-ଅପମାନର ଉର୍ଦ୍ଧ୍ୱରେ ପରମ ଆନନ୍ଦ ଅବସ୍ଥାରେ ଥାଏ, ମନ ଶାନ୍ତ, ନିର୍ବିକାର, ନିର୍ବିଚାର, ପ୍ରସନ୍ନ, ପ୍ରଫୁଲ୍ଲିତ ଥାଏ । ହୃଦୟରେ ଉଦ୍‌ବେଳିତ କରୁଣା, ପ୍ରେମ, ସଂବେଦନା ଆଦି ଦିବ୍ୟ ଭାବନା ଥାଏ । ଆତ୍ମା ବ୍ରହ୍ମଙ୍କ ପରମ ଆନନ୍ଦରେ ମଗ୍ନ, ନିମଗ୍ନ ଥାଏ । ବର୍ତ୍ତମାନ ସାଧକ, ଧ୍ୟାତାର ଦୃଷ୍ଟିରେ ଏହି ଅଖିଳ ବିଶ୍ୱବ୍ରହ୍ମାଣ୍ଡ ପରମାତ୍ମାଙ୍କର ସାକାର ରୂପ, ତା' ଦୃଷ୍ଟିରେ ବିଶ୍ୱବ୍ରହ୍ମାଣ୍ଡର ଘଟ ଘଟରେ ବ୍ରହ୍ମଙ୍କର ହିଁ ବାସ ଅଛି, ବ୍ରହ୍ମଙ୍କ ଅନୁଭୂତି, ଅଭିବ୍ୟକ୍ତି ଅଛି । ତା'ର ମନେହୁଏ ଯେ ଏହି ସାରା ଜଗତ ନିଜର ହିଁ ବିସ୍ତାର ଅଟେ । ଏଣୁ ସାରା ବିଶ୍ୱ ହିଁ ଆପଣାର ଓ ମୁଁ ସାରା ବିଶ୍ୱର । ତାକୁ ସର୍ବତ୍ର ଈଶ୍ୱରଙ୍କ ଦିବ୍ୟତା, ଈଶ୍ୱରଙ୍କ ଜ୍ୟୋତି ଦେଖାଯାଏ ।

## ସ୍ୱର୍ବେଦ

**ଅଲଲ ପକ୍ଷି କୈସେ ଚଲେ,**
**କୈସେ ମାରଗ ଦେଖ ।**
**ଉଲଟ ଭେଦ ଗାମୀ ବନେ, ସହଜ**
**ସିଂହାସନ ପେଖ ॥୫୬॥**

ଭାଷ୍ୟ - ଅଲଳ ପକ୍ଷୀ ଓଲଟି କିପରି ଆକାଶରେ ନିଜର ମାର୍ଗକୁ ଦେଖି ଅଗ୍ରସର ହୋଇଥାଏ ଓ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚି ଯାଏ ?

**ମଛଲୀ ନିଜ ମାରଗ ଚଲେ, ପନ୍ଥ**
**ଭୁଲେ ନହିଁ ସୋୟ ।**
**ପନ୍ଥ ଵିହଙ୍ଗମ ମୀନ କା, ସହଜ**
**ୟୋଗ ଗତି ହୋୟ ॥୫୭॥**

ଭାଷ୍ୟ - ଜଳରେ ମାଛ ନିଜ ମାର୍ଗରେ କେମିତି ଚାଲେ ଓ ପଥହୁଡ଼ା ହୁଏନାହିଁ । ଏହି ପ୍ରକାର ସହଜ ଯୋଗର ମାର୍ଗ ବିହଙ୍ଗମ ଆଉ ମୀନ ମାର୍ଗ ସମାନ ଅଟେ । ଯେମିତି ପକ୍ଷୀ ନିଜ ମାର୍ଗକୁ ଆକାଶରେ ଦେଖେ ଏବଂ ମାଛ ଜଳରେ ନିଜ ମାର୍ଗକୁ ଦେଖି ଚାଲିଥାଏ, ଠିକ୍ ସେମିତି ସହଜ ଯୋଗୀ ଶୂନ୍ୟ, ନିରାଧାରରେ ନିଜ ଚେତନ ଶକ୍ତି ଦ୍ୱାରା ଶବ୍ଦ ମାର୍ଗକୁ ଦେଖି ନିଜ ଧାମରେ ପହଞ୍ଚିଯାଏ ।

**ଚାତକ ପ୍ରଣ ପାଲନ କରେ, ପ୍ରାଣ**
**ଜାୟ ତୋ ଜାୟ ।**
**ଏକ ବୁନ୍ଦ ଜଲ ନହିଁ ପିଵେ, ଏକ**
**ଆଶ ରହି ଜାୟ ॥୫୮॥**

ଭାଷ୍ୟ - ଚକୋର ନିଜ ପ୍ରତିଜ୍ଞା ପାଳନ କରିଥାଏ । କୌଣସି କାରଣରୁ ସେ ଆହତ ହୋଇ ଜଳରେ ପଡ଼ିଲେ ସୁଦ୍ଧା ବୁନ୍ଦେ ହେଲେ ଜଳ ପାନ କରି ନ ଥାଏ, ବରଂ ମୁହଁକୁ ବନ୍ଦ କରି ନିଜ ପ୍ରାଣ ତ୍ୟାଗ କରିଥାଏ । ସେ କେବଳ ସ୍ୱାତୀ ନକ୍ଷତ୍ରର ଜଳ ହିଁ ପାନ କରିଥାଏ ।

**ସାଧକ ନିୟମିତ ରୂପ ମେଁ, ନିଶି**
**ଦିନ କର ଅଭ୍ୟାସ ।**
**ନିୟମ ଚାଲ ଜଗ ପ୍ରକୃତି କା,**
**ତୈଁୟୋ ସାଧକ କ୍ରମ ପାସ ॥୫୯॥**




ଭାଷ୍ୟ - ପ୍ରକୃତିର ସମସ୍ତ ବ୍ୟବହାର ନିୟମପୂର୍ବକ ହୋଇଥାଏ । ସେହି ଭଳି ଯୋଗାଭ୍ୟାସୀ ନିୟମପୂର୍ବକ, ନିଶିଦିନ ଯୋଗ ସାଧନା କରି ନିଜର ଲକ୍ଷ୍ୟକୁ ପ୍ରାପ୍ତ କରିଥାଏ ।

**ତିଲ ସହସ୍ରଵାଁ ଭାଗ ମେଁ, ହଁସ ରୂପ**
**ଅନୁମାନ ।**
**ସୁରତି ସୁକ୍ଷ୍ମ ଉସସେ ବନୀ,**
**ଅନୁଗମ ନିରତି ପ୍ରମାନ ॥୬୦॥**

ଭାଷ୍ୟ - ତିଳର ସହସ୍ର ଭାଗର ପରିମାଣ ଜୀବାତ୍ମାର ସ୍ୱରୂପ ଅଟେ । ତାହାଠୁ ସୂକ୍ଷ୍ମ ସୁରତି ଅଟେ ଓ ତାହାଠୁ ମଧ୍ୟ ସୂକ୍ଷ୍ମ ନିରତିର ସ୍ୱରୂପ ଅଟେ ।

**ମୃତ ଚକୋର କୀ ରୀତି ସେ, ଶବ୍ଦ**
**ମେଁ ଦୃଷ୍ଟି ଲଗାଵ ।**
**ଗୁରୁ ପ୍ରଦେଶ ସୁରତି ଗଈ,**
**ଅନୁଭଵ ଗମ୍ୟ ନ ପାଵ ॥୬୧॥**

ଭାଷ୍ୟ - କେବଳ ଶବ୍ଦରେ ସୁରତି ଲଗାଇଲେ ତାହାର ପ୍ରାପ୍ତି ହେବନାହିଁ, ବରଂ ମୃଗୁଣୀ ତଥା ଚକୋର ପରି ଶବ୍ଦରେ ଅନ୍ତର୍ଦୃଷ୍ଟି କଲେ ସାରଶବ୍ଦ ପ୍ରାପ୍ତି ହେବ । ଯେମିତି ମୃଗୁଣୀ ଶବ୍ଦକୁ ଶ୍ରବଣ କରି ସେଥିରେ ମୁଗ୍ଧ ହୋଇଯାଏ, ତାହାକୁ ନିଜ ଶରୀରର ସୁଧି ମଧ୍ୟ ରହେନାହିଁ ଏବଂ ଚକୋର ଯେଉଁ ପ୍ରକାର ଏକ ଲୟରେ ଚନ୍ଦ୍ରମାକୁ ଦେଖେ, ସେହି ପ୍ରକାର ବିବେକୀ ସନ୍ଥ ସାରଶବ୍ଦଙ୍କର ପ୍ରାପ୍ତି ନିମନ୍ତେ ସାଧନା କରିଥାଏ ।

**ଵିଭୁ ଅନୁଭଵ ସମଦୃଷ୍ଟି ହୈ,**
**ନିଃଅକ୍ଷର ପରକାଶ ।**
**ହୃଦୟ କମଲ ସେ ଉଠ ଚଲୀ,**
**ଦୃଷ୍ଟି ନିରତିଶୟ ଭାଶ ॥୬୨॥**

ଭାଷ୍ୟ - ନିଃଶବ୍ଦ ପ୍ରକାଶର ବ୍ୟାପକ ଅନୁଭବ ହୋଇଥାଏ । ଅନ୍ତର୍ଦୃଷ୍ଟିରେ ହୃଦୟ କମଳରୁ ଉଠେଇ ଧାରଣ କରିବା ଉଚିତ, ତେବେ ବ୍ୟାପକ ସତ୍ତାଙ୍କର ବ୍ୟାପକ ଅନୁଭବ ହେବ ।

**ନିଃଶ୍ୱାଁସ ନିଃଶବ୍ଦ ହୈ, ପାରଖି**
**ଅନୁଭଵ ହୋୟ ।**
**ମକର ତାର ଗତି ବନ୍ଦ ହୈ,**
**ସୁଷମନ ମେଁ ୟହ ସୋୟ ॥୬୩॥**

ଭାଷ୍ୟ - ଯେତେବେଳେ ସୁଷୁମ୍ନାରେ ମକର ତାରର ଗତି ବନ୍ଦହୋଇ ନିଃଶ୍ୱାସରେ ପରିଣତ ହୁଏ, ସେତେବେଳେ ନିଃଶବ୍ଦର ଅନୁଭବ ହୋଇଥାଏ ।

**ମକର ତାର କେ ବନ୍ଦ ମେଁ, ମନ**
**ଅରୁ ପଵନ ଅଭାଵ ।**
**ଅନ୍ତର ଶାନ୍ତି ସମୁଦ୍ର ହୈ, ଉମଗତ**
**ପ୍ରେମ ପ୍ରଭାଵ ॥୬୪॥**

ଭାଷ୍ୟ - ମକର ତାର ବନ୍ଦ ହୋଇଯିବା ପରେ ମନ ଓ ପବନର ଅଭାବ ହୋଇଯାଏ ଆଉ ଅନ୍ତରରେ ଶାନ୍ତି ସାଗରର ପ୍ରାପ୍ତି ନିମନ୍ତେ ପ୍ରେମ ବିଗଳିତ ହେବାରେ ଲାଗେ ।

**ଅନୁଭବ ସହଜା ବୃତ୍ତି ମେଁ, ସହଜ**
**ସମାଧୀ ଜାଗ ।**
**ନିରତି ନିରନ୍ତର ପ୍ରେମ ହୈ,**
**ବ୍ୟଵଧାନ ନହିଁ ଲାଗ ॥୬୫॥**

ଭାଷ୍ୟ - ସହଜ ସମାଧିରେ ସହଜାବୃତ୍ତିରୁ ଅନୁଭବ ହୋଇଥାଏ ଆଉ ନିରନ୍ତର ପ୍ରେମ ସର୍ବଦା ଊର୍ଦ୍ଧ୍ୱକୁ ପ୍ରବାହିତ ହେବାରେ ଲାଗିଥାଏ; ସେଥିରେ କୌଣସି ପ୍ରକାର ବାଧା ହୋଇ ନ ଥାଏ ।

**ଶବ୍ଦ ଅଖଣ୍ଡ ସମାଧି ମେଁ, ଜ୍ଞାନ**
**ଆନନ୍ଦ ସ୍ୱରୂପ ।**
**ହଁସ ଚେତ ସଂକଳ୍ପ ହୈ, ଟୁଟେ**
**ସମାଧି ଅନୂପ ॥୬୬॥**

ଭାଷ୍ୟ - ଶବ୍ଦର ଅଖଣ୍ଡ ସମାଧିରେ ଜୀବ ଜ୍ଞାନ ତଥା ଆନନ୍ଦ ସ୍ୱରୂପ ହୋଇଯାଏ । ସମାଧିର ପୂର୍ଣ୍ଣ ଚେତନ ଗୁଣ ଜୀବର ଏକମାତ୍ର ସଂକଳ୍ପ ଅଟେ ।

**ସଂୟମ ଦେଶ ପ୍ରକୃତି ହୈ, ଜଡ଼**
**ସମାଧି ମୟ ସୋୟ ।**
**ଵାସ୍ତଵ ମେଁ ଵହ କୁଛ ନହୀଁ, ବନ୍ଧନ**
**ମାୟା ସୋୟ ॥୬୭॥**

ଭାଷ୍ୟ - ପ୍ରକୃତି ପ୍ରଦେଶରେ ପୂର୍ଣ୍ଣ ସ୍ଥିରତାରେ ଯେଉଁ ସମାଧି ହୁଏ, ତାହା ଜଡ଼ ସମାଧି ଅଟେ । ସେଥିରେ ଜ୍ଞାନ ଅଥବା ଆନନ୍ଦ କିଛି ନ ଥାଏ । ତାହା ବାସ୍ତବରେ ସମାଧି ପଦବାଚ୍ୟ ନୁହେଁ । ତାହା ଜୀବର ଏକ ପ୍ରକାରର ମାୟା ବନ୍ଧନ ଅଟେ ।

**ମନ ହୀ ମନ ମେଁ ଧାରଣା, ମନ**
**ହୀ ମନ ମେଁ ଧ୍ୟାନ ।**
**ମନ ହୀ ମନା ସମାଧି ହୈ, ୟହ**
**ଧୋଖା ଭ୍ରମ ଜାନ ॥୬୮॥**

ଭାଷ୍ୟ - ମନ ପ୍ରକୃତି ମଣ୍ଡଳର ପଦାର୍ଥ ଅଟେ । ତାହା ପ୍ରାକୃତିକ ବିଷୟଗୁଡ଼ିକୁ ଉପଭୋଗ କରିଥାଏ । ଇନ୍ଦ୍ରିୟଗୁଡ଼ିକ ମନର ଅଧୀନ ହୋଇ ହିଁ କାର୍ଯ୍ୟ କରିଥାନ୍ତି । ସେଥିପାଇଁ ମନର ସମସ୍ତ କାର୍ଯ୍ୟ ଅନିତ୍ୟ ଏବଂ ଜଡ଼ ଅଟେ । ସୁତରାଂ ମନର ସମସ୍ତ ଧାରଣା, ଧ୍ୟାନ ଏବଂ ସମାଧି ଭ୍ରମ ଅଟେ । ସେଥିରେ ସତ୍ୟ ପ୍ରାପ୍ତି ବୋଲି କିଛି ନଥାଏ । ମନ ତଥା ଏହାର ମଣ୍ଡଳକୁ ଛାଡ଼ି ଚେତନ ସାଧନ ଦ୍ୱାରା ସମାଧି ପ୍ରାପ୍ତି ହୋଇଥାଏ । ତାହା ସତ୍ୟ ସମାଧି ଅଟେ, ଯେଉଁଥିରେ ଜ୍ଞାନ, ଆନନ୍ଦ ଓ ଜୀବନ ପ୍ରାପ୍ତ ହୋଇଥାଏ ।

## ନିୟନ୍ତ୍ରିତ ମନ ହିଁ ମିତ୍ର ଓ ଅନିୟନ୍ତ୍ରିତ ମନ - ଶତ୍ରୁ

**ସା**ଧାରଣତଃ ମଣିଷ ନିଜର ଶତ୍ରୁ ଅଥବା ମିତ୍ର ବାହାରେ ଖୋଜିଥାଏ । ସେ ଭାବିଥାଏ ବାହାରର ଲୋକେ ହିଁ ତା'ର ଶତ୍ରୁ-ମିତ୍ର ହୋଇଥାନ୍ତି । କିନ୍ତୁ ପ୍ରକୃତ ଶତ୍ରୁ-ମିତ୍ର ଯେ ତା'ର ମନ, ଏ କଥା ସେ ଭୁଲିଯାଏ । ପ୍ରକୃତରେ ମଣିଷର ମନ ହିଁ ତା'ର ମିତ୍ର ବା ଶତ୍ରୁ ହୋଇଥାଏ । ଗୀତାରେ କୁହାଯାଇଛି- ଯିଏ ନିଜ ମନ ଓ ଇନ୍ଦ୍ରିୟଗୁଡ଼ିକୁ ବଶୀଭୂତ କରିନିଏ, ତା'ପାଇଁ ଏହି ମନ ହିଁ ମିତ୍ର । କିନ୍ତୁ ଯିଏ ମନ-ଇନ୍ଦ୍ରିୟଙ୍କୁ ବଶ କରିପାରେ ନାହିଁ, ତା'ପାଇଁ ଏ ସମସ୍ତେ ବିରୋଧୀ ହୋଇଯାଆନ୍ତି ଓ ବାହ୍ୟ ଶତ୍ରୁଙ୍କପରି ବ୍ୟବହାର କରନ୍ତି ।

ଯିଏ ନିଜ ଅହଂକାରକୁ ଜିତିନେଲା, ତା'ପାଇଁ ତା'ର ବୌଦ୍ଧିକ ବ୍ୟକ୍ତିତ୍ୱ ମିତ୍ର ସମାନ (ବନ୍ଧୁରାତ୍ମାତ୍ମନସ୍ତସ୍ୟ) । କିନ୍ତୁ ଯିଏ ନିଜର ମନ, ଇନ୍ଦ୍ରିୟ, ବୁଦ୍ଧି ପକ୍ଷକୁ ନିୟନ୍ତ୍ରିତ କରିପାରି ନାହିଁ, ସେହି ଅବିଜିତ ବୁଦ୍ଧି ଆଦି ଅଜେୟ ଶତ୍ରୁ ସମାନ ହୋଇ ତା'ର ବିପରୀତ ଆଚରଣ କରିଥାନ୍ତି ।

ଏଠାରେ ସ୍ପଷ୍ଟ କରାଯାଇଛି ଯେ, ମନୁଷ୍ୟର ମନ ହିଁ ତା'ର ଶତ୍ରୁ ବା ମିତ୍ର । ଏହି ଅର୍ଥକୁ ବୁଝି ମଣିଷ ନିଜ ମନ-ବୁଦ୍ଧି ଆଦି ଉପରେ ନିୟନ୍ତ୍ରଣ ରଖିବାର ଚେଷ୍ଟା କରିବା ଦରକାର ।

ବାହ୍ୟଜଗତରେ ଆମର କେହି ବି ମିତ୍ର ଅଥବା ଶତ୍ରୁ ହୋଇନଥାନ୍ତି । ଯଦି ହୋଇଥାନ୍ତି, ତେବେ ତାହା ଆମର ହିଁ ଜ୍ଞାତାଜ୍ଞାତ ବ୍ୟବହାରର ହିଁ ପ୍ରତିକ୍ରିୟା ବୁଝିବା ଦରକାର । ଯଦି ଆମେ କାହା ସହିତ କୌଣସି ପ୍ରକାର ଆପତ୍ତିଜନକ ବ୍ୟବହାର କରିବା ନାହିଁ, ତେବେ କିଏ କାହିଁକି ଆମର ଶତ୍ରୁ ହେବ ? ଯଦି ଆମେ କାହା ବିଷୟରେ ଅନିଷ୍ଟ ଚିନ୍ତା କରିବା ନାହିଁ, ତେବେ ଆମର କିଏ କାହିଁକି ଅନିଷ୍ଟ ବା ଅହିତ କରିବ ? ଜିତେନ୍ଦ୍ରିୟ ସନ୍ଥ ମହାତ୍ମାଙ୍କର କେହି ଶତ୍ରୁ ହେବା କଥା ଶୁଣିବାକୁ ମିଳେନାହିଁ । ଯଦି ଈର୍ଷାବଶତଃ କେହି ଶତ୍ରୁତା କରୁ ବି ଥାଏ, ତେବେ ବି ଦିନେ ସେ ବୁଝିଯାଏ ଯେ ସିଏ ହିଁ ଭୁଲ୍ କରୁଛି ଓ ତା'ପରେ ଶତ୍ରୁତା ଛାଡ଼ି ସାଧାରଣ ଜନଙ୍କପରି ରହେ ।

କୁହାଯାଏ, ଯିଏ ମନକୁ ଜିଣିନିଏ, ସେ ସଂସାରକୁ ଜିଣିନିଏ । ଏହି କଥନ ପଛରେ ବହୁତ ଗୂଢ଼ ରହସ୍ୟ ରହିଛି । ନିଜକୁ ଜିଣିବା ଲୋକ ସଂସାରକୁ କିପରି ଜିଣିବ ? ଗଭୀରତାକୁ ପ୍ରବେଶ କରି ଦେଖିଲେ ଜଣାଯାଏ, ଆମ ମନର ଅସ୍ତିତ୍ୱ କେବଳ ଆମ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ତା'ର ବ୍ୟାପକ ସତ୍ତା ରହିଛି । ଆତ୍ମାର ବ୍ୟାପକତା ବିଷୟରେ କହିପାରିବା କଠିନ । କୁହାଯାଏ, ସେ ଅନନ୍ତ, ଅସୀମ, ସର୍ବତ୍ର ପରିବ୍ୟାପ୍ତ । ଯଦି ଆମେ ଆର୍ଥିକ ରୂପରେ ହିଁ 'ସର୍ବଜନହିତାୟ' ପ୍ରଯତ୍ନରେ ରତ ରହିବା, 'ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟା'ର ଚିନ୍ତନ ଓ ପ୍ରୟାସ କରିବା, ତେବେ ନିଶ୍ଚୟ ହିଁ ଆମ ବ୍ୟବହାର ଓ କାର୍ଯ୍ୟ ମଧ ତଦନୁରୂପ ହେବ । ଆମେ ଯାହା କରିବା, ଜନମଙ୍ଗଳ ହେତୁ କରିବା । ଘର -ପରିବାରରୁ ନେଇ ପଡ଼ୋଶୀ ଓ ଦେଶବାସୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ନିଜର ଭାବିବା ଓ ସେମାନଙ୍କ ସୁଖ-ଦୁଃଖ କଥା ଚିନ୍ତା କରିବା । ଏପରି ହେଲେ କିଏ ଆମର ଶତ୍ରୁ ହେବ ? ଆମେ କାହାର ହିତ ସାଧନ କରୁଥିବା ଓ ସେ ଆମ ସହିତ ଶତ୍ରୁତା କରୁଥିବ, ଏପରି ପ୍ରାୟ ଅସମ୍ଭବ । ଦିନେ ନା ଦିନେ ତା' ଭିତରେ ଏହି ଚେତନା ଜାଗ୍ରତ ହୋଇ ହିଁ ଯାଏ ଯେ, ଏ ଲୋକ ମୋର ସବୁବେଳେ ହିତ ଚାହୁଁଛି ତ ମୁଁ କାହିଁକି ଏହାର ମନ୍ଦ ଚିନ୍ତା କରିବି ? ଏହିପରି ତା'ର ଆତ୍ମା ହିଁ ତାକୁ ସଦ୍‌ବୁଦ୍ଧି ଦିଏ, ସପ୍ନ ଦେଖାଏ ଓ ସଚ୍ଚିନ୍ତନ ପାଇଁ ପ୍ରେରିତ କରେ ।

ଗୀତାର ଏହି ଶ୍ଳୋକ କେବଳ ଆତ୍ମଦର୍ଶନ ଦିଗରେ ହିଁ ନିର୍ଦ୍ଦିଷ୍ଟ ନୁହେଁ ବରଂ ବ୍ୟାବହାରିକ ଜୀବନପାଇଁ ମଧ ଉପଯୋଗୀ ଶିକ୍ଷା ଦିଏ । ଆବଶ୍ୟକ ମାତ୍ର ଏହାର ପ୍ରକୃତ ଅର୍ଥ ବୁଝିବା ଓ ତାକୁ ଜୀବନରେ ଆଚରଣ କରିବା । ମନ ଯଦି ମାନିଯିବ, ତେବେ ଆର୍ଥିକ ପ୍ରଗତି ଦିଗରେ ଅବଶ୍ୟ ସହଯୋଗ କରିବ । ମନ ଏକ ଉର୍ଜା ତାକୁ ଯେଉଁ ଦିଗରେ ନିୟୋଜିତ କରାଯିବ, ସେହି ଦିଗରେ କାର୍ଯ୍ୟ କରିବ । ଆମଠାରେ ଏହି ବିବେକ ଥିବା ଦରକାର ଯେ, ତାକୁ କେଉଁ ଦିଗରେ ନିୟୋଜିତ କଲେ ଠିକ୍ ହେବ ଓ କେଉଁ ଦିଗରେ କଲେ ହାନି ହେବ ।

## କଞ୍ଚା ଆମ୍ବ ଖାଇବାର ଫାଇଦା

**ଗ**ରମ ଦିନ ଆସିବା ମାତ୍ରେ ବଜାରରେ କଞ୍ଚା ଆମ୍ବ ବିକ୍ରି ହେବା ଆରମ୍ଭ ହୋଇଯାଏ । ଘରେ ଘରେ କଞ୍ଚା ଆମ୍ବର ଚଟଣି ପ୍ରସ୍ତୁତ ହୁଏ । ଏହି ଚଟଣି ଖାଇବା ତ ଦୂରର କଥା ଦେଖୁ ଦେଖୁ ମୁହଁରେ ପାଣି ଆସିଯାଏ । ତେବେ କଞ୍ଚା ଆମ୍ବ ଖାଇବାରେ ବହୁତ ଲାଭ ମିଳିଥାଏ ।



କଞ୍ଚା ଆମ୍ବ ତ୍ୱଚା ସମ୍ବନ୍ଧୀୟ ସମସ୍ତ ରୋଗକୁ ଦୂରେଇ କରିଥାଏ । କଞ୍ଚା ଆମ୍ବରେ ପ୍ରଚୁର ମାତ୍ରାରେ ଭିଟାମିନ୍ ସି' ରହିଛି ।

ଆପଣଙ୍କ ଗ୍ୟାସ କିମ୍ବା ଛାତି ଜଳିବା ଭଳି ସମସ୍ୟା ଥିଲେ ପ୍ରତିଦିନ କଞ୍ଚା ଆମ୍ବ ଖାଆନ୍ତୁ । ଦୂର ହୋଇଯିବ କଷ୍ଟ ।

କଞ୍ଚା ଆମ୍ବକୁ ଲୁଣ ସହିତ ମିଶାଇ ଖାଇଲେ ଶରୀରରେ ପାଣିର ହ୍ରାସ ଅନୁଭବ ହୁଏ ନାହିଁ । ଏଥି ସହିତ ଉଚ୍ଚ ତାପମାତ୍ରାରୁ ଶରୀରକୁ ରକ୍ଷା କରିଥାଏ । ଖରାଦିନେ ସକାଳେ ଉଠିବା ପରେ ଯଦି ଦୁର୍ବଳ ଲାଗୁଛି ତେବେ କଞ୍ଚା ଆମ୍ବ ଖାଆନ୍ତୁ ।

ଗରମ ଦିନେ ଶରୀରରେ ଘିମିରି ହୋଇଥିଲେ ଆମ୍ବ ଖାଇବା ଦ୍ୱାରା ଏହା ଦୂର ହୋଇଥାଏ । କଞ୍ଚା ଆମ୍ବରେ ଏଭଳି ତତ୍ତ୍ୱ ଅଛି ଯାହା ସୂର୍ଯ୍ୟଙ୍କ ପ୍ରଭାବରୁ ଶରୀରକୁ ରକ୍ଷା କରିଥାଏ । କେବଳ ଏତିକି ନୁହେଁ ଏହା ରୋଗ ପ୍ରତିରୋଧକ ଶକ୍ତିକୁ ମଧ ବୃଦ୍ଧି କରିଥାଏ । ଶରୀରର ଓଜନ ବୃଦ୍ଧି ହେବାକୁ ମଧ ଦିଏ ନାହିଁ ।

## ବହୁ ଉପକାରୀ ଡାଳିମ୍ବ ଚୋପା

**ଡା**ଳିମ୍ବ ଚୋପାର କେତେକ ଉପକାରୀ ଗୁଣ ରହିଛି । ପ୍ରତିଦିନ ଡାଳିମ୍ବ ଚୋପା ଚୂର୍ଣ୍ଣକୁ ପାଣିରେ ମିଶାଇ ପିଇଲେ ହୃଦଜନିତ ରୋଗ ଆଶଙ୍କା କେତେକାଂଶରେ ଦୂର ହୋଇଥାଏ । ଏଥିରେ ପ୍ରଚୁର ମାତ୍ରାରେ ଆଣ୍ଟିଅକସିଡାଣ୍ଟ ରହିଛି, ଯାହା ଶରୀରରେ କୋଲେଷ୍ଟରଲ ମାତ୍ରାକୁ ସନ୍ତୁଳିତ ରଖେ । ଡାଳିମ୍ବ ଚୋପା ଚୂର୍ଣ୍ଣକୁ ପାଣିରେ ମିଶାଇ ଦିନକୁ ଦୁଇ ଥର କୁଳି କଲେ ମୁଖ ଦୁର୍ଗନ୍ଧ ଦୂର ହୋଇଥାଏ । ଗ୍ଲାସେ ଉଷୁମ ପାଣିରେ ଦୁଇ ଚାମଚ ଡାଳିମ୍ବ ଚୋପା ଚୂର୍ଣ୍ଣ ଗୋଳାଇ ପିଅନ୍ତୁ । ଏହାଦ୍ୱାରା ହାଡ଼ ମଜଭୁତ ରହିଥାଏ ।



### ଟିକିଏ ହସନ୍ତୁ

ସ୍ତ୍ରୀ: ତୁମେ କେବେ ଭାବିଛ ମୋ ବାହାଘର ଯଦି ଆଉ କାହା ସହିତ ହୋଇଥାନ୍ତା ତା' ହେଲେ ?
ସ୍ୱାମୀ: ନା, ମୁଁ କେବେ କାହାର ଖରାପ ଭାବିନି ।

× × ×

ପପୁ: ଭାଇ ଗୋଟିଏ କଳା ବଲବ୍ ଦେଲ ।
ଦୋକାନୀ: କଳା ବଲବ୍ ନାହିଁ ।
ହେଲେ କଳା ବଲବ୍ କ'ଣ କରିବ ?
ପପୁ: ଦିନରେ ଅନ୍ଧାର କରି ଶୋଇବାର ମଜା ହିଁ ଅଲଗା ।

× × × × ×

ବାପା: ତୁ ଆଜି ପୁଣି ମଦ ପିଇକି ଆସିଛୁ ।
ବଣ୍ଟି: ନାହିଁ ବାପା ମୁଁ ପିଇନି ।
ବାପା: ତା' ହେଲେ ସୁଟକେସ୍ ଖୋଲି କାହିଁକି ପଢ଼ୁଛୁ ?

× × × ×

ସ୍ୱାମୀ: ଇଏ କ'ଣ ତୁମେ ଆଜି ପୁଣି ଗୋଟିଏ ଶାଢ଼ି ନେଇଆସିଲ । କାଲି..
ସ୍ତ୍ରୀ: କ'ଣ କାଲି ? କୁହ କୁହ କ'ଣ କହିଲ ତୁମେ ? ଜଲଦି କୁହ କ'ଣ କାଲି ?
ସ୍ୱାମୀ: କିଛି ନାହିଁ । ମୁଁ କହୁଥିଲି କାଲି ଗୋଟିଏ ଶାଢ଼ି ଆଣିଥିଲ ଆଜି ଦୁଇଟା ନେଇ ଆସିଥାନ୍ତ ।



× × × ×

ଡାକ୍ତର ରାଧେମୋହନଙ୍କୁ: ଆପଣ ଓ ଆପଣଙ୍କ ସ୍ତ୍ରୀଙ୍କ ବ୍ଲଡ ଗ୍ରୁପ୍ ସମାନ ଅଟେ ।
ରାଧେମୋହନ: ହଁ, ହେଇଥିବ । ୨୪ ବର୍ଷ ହେଲା ତ ସେ ମୋ ରକ୍ତ ଶୋଷି ଆସୁଛି ।

× × × × ×

ସ୍ତ୍ରୀ ସ୍ୱାମୀଙ୍କୁ: ହେଇଟି ଜାଣିଚ, ଆମର ବାହାଘର କରିଥିବା ପଣ୍ଡିତ ଆଜି ମରିଗଲେ ।
ସ୍ୱାମୀ: ଦିନେ ନା ଦିନେ ତାକୁ ତା' କର୍ମର ଫଳ ମିଳିବାର ଥିଲା ।

× × × × × ×

ଯୁବକ ଗର୍ଲଫ୍ରେଣ୍ଡର ବାପାଙ୍କୁ ଦେଖା କରିବାକୁ ଯାଇଥାଏ ।
ଗର୍ଲଫ୍ରେଣ୍ଡର ବାପା: ମୋତେ ତୁମେ ଆଦୌ ପସନ୍ଦ ନୁହଁ ।
ମୁଁ ଚାହୁଁନି ମୋ ଝିଅ ଜଣେ ମୂର୍ଖ ସହ ସାରା ଜୀବନ ରହୁ ।
ଯୁବକ: ମୁଁ ବି ଚାହୁଁନି ଆପଣଙ୍କ ଝିଅ ଜଣେ ମୂର୍ଖଙ୍କ ସହ ସାରା ଜୀବନ ରହୁ । ସେଇଥି ପାଇଁ ତ ତାକୁ ମୁଁ ଏଠାରୁ ନେଇ ଯିବାକୁ ଆସିଛି ।

# ତରଭୁଜର ଉପକାରିତା

ଗରମ ଦିନରେ ତରଭୁଜ ଖାଇବାକୁ କାହାକୁ ବା ଭଲ ନ ଲାଗେ । ଏହି ଋତୁରେ ଏହି ଫଳ ପ୍ରଚୁର ପରିମାଣରେ ମିଳିଥାଏ । ଏହା ଯେପରି ସ୍ୱାଦିଷ୍ଟ ସେପରି ତ୍ୱରିତ ଶକ୍ତିଦାୟକ । ଏଥିରେ ଭରି ରହିଥିବା ପାଣି ଭୋକ ଆଉ ଶୋଷ ଉଭୟକୁ ମେଣ୍ଟାଇଥାଏ । ଏଥିରେ ଛୟାନବେ ପ୍ରତିଶତ ପାଣି ରହିଥାଏ । ଏହା ଶରୀରକୁ ଶୀତଳତା ପ୍ରଦାନ କରିଥାଏ । ତରଭୁଜରେ ପ୍ରଚୁର ପରିମାଣରେ ଭିଟାମିନ୍, ଏ, ବି, ସି ସହ ଆଇରନ, ମ୍ୟାଗ୍ନେସିୟମ ଏବଂ ପଟାସିୟମ ରହିଥାଏ । ବାଲିଆ ଜମିରେ ତରଭୁଜ ଚାଷ ହୋଇଥାଏ । ସାରା ଭାରତରେ ଏହାର ଚାଷ ହୋଇଥାଏ । ଉତ୍ତର ଭାରତରେ ଏହି ଫଳଟିର ଖୁବ୍ ଚାହିଦା ରହିଛି । ଶରୀରକୁ ତାତିରୁ ରକ୍ଷା କରିବା ପାଇଁ ଏହାକୁ ଖାଇବା ଦରକାର । କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ଖଣିଜ ଲବଣ, ଫସ୍‌ଫରସ ଏବଂ କ୍ୟାଲସିୟମରେ ଭରପୁର ତରଭୁଜ ରକ୍ତ ପରିଷ୍କାର କରିଥାଏ, ପଥରୀ, ହୃଦରୋଗରୁ ମଧ ରକ୍ଷା କରିଥାଏ । ତରଭୁଜ ଶୀତଳ, କ୍ଷାରଯୁକ୍ତ,



ମୂତ୍ରବର୍ଦ୍ଧକ ଏବଂ କଫ ବାୟୁନାଶକ ।

ଭୋକ ଲାଗୁ ନ ଥିଲେ, ବାନ୍ତି ବାନ୍ତି ଲାଗୁଥିଲେ, ମୁଣ୍ଡବୁଲାଇ ଦେଉଥିଲେ ଖାଦ୍ୟ ଗ୍ରହଣ ପୂର୍ବରୁ ପଚାଶ ଗ୍ରାମ ତରଭୁଜ ରସରେ ମିଶ୍ରି ଏବଂ ଲେମ୍ବୁରସ ମିଶାଇ ଖାଆନ୍ତୁ ।

ଅର୍ଶରୋଗୀମାନେ ତରଭୁଜର ପଚାଶ ଗ୍ରାମ ରସ ନେଇ ସେଥିରେ ତିନି ଗ୍ରାମ ଅଁଳା ଗୁଣ୍ଡ ମିଶାଇ କିଛିଦିନ ପର୍ଯ୍ୟନ୍ତ ନିୟମିତ ସେବନ କରନ୍ତୁ ।

ତରଭୁଜ ମଞ୍ଜିକୁ ପାଣିରେ ବାଟି ମଥାରେ ଲେପ ଦେଲେ ମୁଣ୍ଡବିନ୍ଧା କମିଥାଏ । ଜଣ୍ଡିସ୍ ବା କାମଳ ରୋଗରେ ନିୟମିତ ତରଭୁଜ ଖାଇବା ବା ତା'ର ରସ ପିଇବା ଦରକାର ।

ଅତ୍ୟଧିକ ଖରାରେ ତ୍ୱଚାରେ ସମସ୍ୟା ଦେଖାଦେଲେ ତରଭୁଜ ରସ ଲଗାନ୍ତୁ । ଏହା ତ୍ୱଚାକୁ ସ୍ୱଚ୍ଛ ଏବଂ ସୁନ୍ଦର କରିଥାଏ ।

ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ପରିସ୍ରା ଲାଗୁ ନ ଥିଲେ ତରଭୁଜ ରସ ପିଇବା ଦ୍ୱାରା ଏହା ତୁରନ୍ତ ପରିସ୍ରା କରାଇଥାଏ । ମୂତ୍ରାଶୟ ସମ୍ବନ୍ଧିତ ଆହୁରି ଅନେକ ସମସ୍ୟା ମଧ ତରଭୁଜ ଦୂର କରିଥାଏ । ତରଭୁଜର ପଚାଶ ଗ୍ରାମ ରସ ନେଇ ସେଥିରେ ମିଶ୍ରି ମିଶାଇ କିଛିଦିନ ନିୟମିତ ପିଅନ୍ତୁ ।

ତରଭୁଜର ଧଳା ଅଂଶକୁ ବାଟି ସେଥିରେ ଚନ୍ଦନ ଆଉ କର୍ପୂର ମିଶାଇ ଶରୀରରେ ଲେପ ଦେବା ଦ୍ୱାରା ଗ୍ରୀଷ୍ମତାପ ଯୋଗୁଁ ତ୍ୱଚାର ଜ୍ୱଳନ ଏବଂ ଘିମିରି ଆଦି ସମସ୍ୟାକୁ ଦୂର କରିଥାଏ ।

ଗ୍ରୀଷ୍ମରେ ତରଭୁଜ ରସରେ ସୈନ୍ଧବ ଲବଣ ଏବଂ ଲେମ୍ବୁରସ ମିଶାଇ ପିଇବା ଦ୍ୱାରା ଲୁ ପ୍ରକୋପରୁ ରକ୍ଷା ମିଳିଥାଏ ।

ତରଭୁଜକୁ ରାତିରେ ବାହାରେ ରଖି ଦିଅନ୍ତୁ । ସକାଳୁ ସେହି ତରଭୁଜରୁ ରସ ବାହାର କରି ସେଥିରେ ଚିନି ମିଶାଇ ସେବନ କରିବା ଦ୍ୱାରା ପରିସ୍ରାର ଜ୍ୱଳନ ଏବଂ ଅବରୋଧ ଦୂର ହୋଇଥାଏ । ତରଭୁଜ ଶରୀରର ରୋଗ ପ୍ରତିରୋଧୀ କ୍ଷମତାକୁ ବୃଦ୍ଧି କରିଥାଏ । ଆମ୍ଳିଳା ଓକାର ଆସୁଥିଲେ ତରଭୁଜରେ କଳାଲୁଣ ଏବଂ ଗୋଲମରିଚ ପକାଇ ଖାଆନ୍ତୁ ।

ବାରଣ: ତେବେ ବି ତରଭୁଜ ଖାଇବାରେ କିଛି ବାରଣ ମଧ ରହିଛି । ଯେମିତିକି ସକାଳୁ ଖାଲି ପେଟରେ ତରଭୁଜ ଖାଆନ୍ତୁ ନାହିଁ । ଖାଦ୍ୟ ଖାଇବା ପରେ ତରଭୁଜ ଖାଇବା ଦ୍ୱାରା ଅଧିକ ଲାଭପ୍ରଦ ହୋଇଥାଏ । ତରଭୁଜ ଖାଇବା ପରେ ତୁରନ୍ତ ପାଣି ପିଅନ୍ତୁ ନାହିଁ । ଦୁଗ୍ଧ, ଦହି କିମ୍ବା ଅନ୍ୟାନ୍ୟ ପାନୀୟ ପିଅନ୍ତୁ ନାହିଁ । ଅଣ୍ଡାରୋଗରେ ପୀଡ଼ିତ ବ୍ୟକ୍ତି ଏବଂ ଶ୍ୱାସରୋଗୀମାନେ ତରଭୁଜ ରସ ପିଇବା ଉଚିତ ନୁହେଁ । ତରଭୁଜ ଖାଇବାର ଦୁଇ ତିନି ଘଣ୍ଟା ପର୍ଯ୍ୟନ୍ତ ଭାତ ଖାଆନ୍ତୁ ନାହିଁ ।

# ଶରୀରକୁ ସୁସ୍ଥ ରଖେ ବାଦାମ



ବାଦାମକୁ ସମସ୍ତେ ଖାଇବା ସହିତ ଏଥିରୁ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟ ମଧ ତିଆରି କରନ୍ତି । କିନ୍ତୁ ବାଦାମରେ ଥିବା ଉପକାରିତା ବିଷୟରେ ଏଯାଏଁ ବି ଅନେକ ଅଜଣା । ବାଦାମ ଆମ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ୧୫ ରୁ ୨୦ ଖଣ୍ଡ ବାଦାମକୁ ନେଇ ତାହାକୁ ଭଲ ଭାବରେ ପେଷ୍ଟ କରନ୍ତୁ ନଚେତ୍ ୧ ଚାମଚ ବାଦାମ ଗୁଣ୍ଡରେ ୨ ଚାମଚ କ୍ଷୀର ଭଲ ଭାବରେ ଗୋଳାଇ କିଛି ମିନିଟ୍ ପାଇଁ ଛାଡି ଦିଅନ୍ତୁ । ତା'ପରେ ଏହି ମିଶ୍ରଣକୁ ପୂରା ମୁହଁରେ ଲଗାନ୍ତୁ । ଲଗାଯାଇଥିବା ପେଷ୍ଟ ଶୁଖିଗଲା ପରେ ତାକୁ ହାଲୁକା ଭାବରେ ଧୀରେ ଧୀରେ ଛଡାନ୍ତୁ । ଏହି ପେଷ୍ଟ ଚେହେରା ରଙ୍ଗକୁ ଗୋରା କରିବା ସହିତ ଭଲ ମଇଶ୍ଚରାଇଜର ଭଳି ମଧ କାମ କରେ । ଛୋଟ ପିଲା ପ୍ରତିଦିନ ୫ ରୁ ୧୦ ଖଣ୍ଡ ବାଦାମ ଖାଇଲେ ତାଙ୍କର ସ୍ମରଣ ଶକ୍ତି ପ୍ରଖର ହୁଏ ।

ଗର୍ଭବତୀ ମହିଳାମାନେ ପ୍ରତିଦିନ ୧୦ ରୁ ୧୫ ଖଣ୍ଡ ଲେଖାଏଁ ବାଦାମ ଖାଇବା ଉଚିତ । ବାଦାମ ତେଲକୁ ତ୍ୱଚାରେ ଲଗାଇଲେ ଚିକ୍କଣ ହୁଏ ।

# ସ୍ୱାସ୍ଥ୍ୟ ପାଇଁ ଲାଭ ମୁଗ

ମୁଗକୁ ଆମେ କେବଳ ଡାଲି ରୂପରେ ବ୍ୟବହାର କରିଥାଉ ତାହା ନୁହେଁ ଗଜା ମୁଗ ତଥା ଛତୁଆ କରି ମଧ ଖାଇଥାଉ ଯାହାକି ସ୍ୱାସ୍ଥ୍ୟ ପ୍ରତି ବେଶ୍ ଉପଯୋଗୀ ।

ମୁଗ ଏକ ଡାଲି ଜାତୀୟ ଶସ୍ୟ । ମୁଗକୁ ଡାଲି କିମ୍ବା ଡାଲମା କରି ଖାଇଥାଉ ।



ମୁଗ ଡାଲିରେ ବହୁ ପ୍ରକାର ଭିଟାମିନ୍ ରହିଛି ଯାହାକି ସ୍ୱାସ୍ଥ୍ୟ ପାଇଁ ଖୁବ୍ ଫଳପ୍ରଦ । ପ୍ରୋଟିନ୍, ଫାଇବର, ଆଣ୍ଟିଅକ୍ସିଡାଣ୍ଟସ୍ ମାଙ୍ଗାନିଜ, ମ୍ୟାଗ୍ନେସିୟମ ଆଦି ବହୁ ଭିଟାମିନ୍ ତତ୍ତ୍ୱ ଭରି ରହିଛି । ମୁଗ ଡାଲି ପ୍ରାୟ ୧ ହଜାର ବର୍ଷର ପାରମ୍ପରିକ ଆୟୁର୍ବେଦିକ ଆହାର । କେବଳ ଡାଲି ଭାବେ ବ୍ୟବହାର ହୋଇଥାଏ ତାହା ନୁହେଁ, ଏହା ଗଜା ତଥା ଛତୁଆ ରୂପେ ଖିଆଯାଏ । ମୁଗ ସ୍ୱାସ୍ଥ୍ୟ ପ୍ରତି ବେଶ୍ ଉପାଦେୟ ।

**ତ୍ୱଚା ପାଇଁ:** ମୁଗ ଡାଲି ତ୍ୱଚା ପାଇଁ ଖୁବ୍ ଲାଭଦାୟକ । ମୁଗ ଡାଲି ଖାଇଲେ ତ୍ୱଚାର ଶୁଷ୍କତା, ଧଳା ଓ କଳା ଦାଗ ଧୀରେ ଧୀରେ କମ୍ ହୋଇଥାଏ । ଏହାକୁ ନିୟମିତ ଖାଇବା ଫଳରେ ବୟସ ଅଧିକ ବୋଲି ମନେ ହୋଇ ନ ଥାଏ ।

**କେଶ:** ଏଥିରୁ ବହୁଳ ପରିମାଣରେ କପର୍ ଥିବାରୁ କେଶ ମୂଳ ମଜଭୁତ ହୋଇଥାଏ ।

**ମେଟାବଲିଜମ୍:** ବହୁ ଲୋକ ମେଟାବଲିଜମ୍ କାରଣରୁ ବଦହଜମୀ ଓ ଜ୍ୱଳନର ଶିକାର ହୋଇଥାନ୍ତି । ମୁଗ ଡାଲିରେ ଫାଇବର ରହିଥିବାରୁ ପାଚନ କ୍ରିୟା ଭଲ ରହିଥାଏ ।

କୋଲେଷ୍ଟ୍ରଲ ଲାଗି ଉତ୍ତମ: ମୁଗ ଡାଲି କୋଲେଷ୍ଟ୍ରଲକୁ ରୋକିବାରେ ସହାୟତା କରେ । ଏହା ହୃଦୟ, ଧମନୀ ଓ କୋଷିକାଗୁଡିକରେ ଜମା ହୋଇ ରହୁଥିବା କୋଲେଷ୍ଟ୍ରଲକୁ କମ୍ କରିବା ସହିତ ରକ୍ତ ସଞ୍ଚାଳନ ଠିକ୍ ରଖିଥାଏ ।

# ସୁନିଦ୍ରା ପାଇଁ ସାଲାଡ଼

ଆପଣ ପ୍ରତିଦିନ ନିଦ୍ରାଜନିତ ସମସ୍ୟା ନେଇ ଚିନ୍ତିତ କି ? ଯଦି ହଁ, ତେବେ ଏହାର ସମାଧାନ କରିବାର ସହଜ ଉପାୟ ହାତ ପାଖାନ୍ତାରେ ରହିଛି । ବାସ୍, ରାତ୍ରିଭୋଜନରେ ସାଲାଡ ସାମିଲ କରନ୍ତୁ ।



ସଦ୍ୟତମ ଗବେଷଣାରୁ ଏଭଳି ରୋଚକ ତଥ୍ୟ ଜଣାପଡ଼ିଛି । ସିଡନୀ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ସାଲାଡର ଉପକାରୀ ଗୁଣ ଉପରେ ଗବେଷଣା କରି ଏଭଳି କଥା ଜାଣିବାକୁ ପାଇଛନ୍ତି ।

ସାଲାଡରେ ଲେକ୍ଟୁଟୋରିୟମ' ନାମକ ତତ୍ତ୍ୱ ରହିଛି, ଯାହା ଶରୀରକୁ ଆହୁରି ଫୁର୍ତ୍ତି ରଖିବାରେ ସହାୟତା କରିଥାଏ । ଏହାଦ୍ୱାରା ମନ ହାଲୁକା ହେବା ସହ ଭଲ ନିଦ ହୋଇଥାଏ । ଏପରି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ କିଛି ବ୍ୟକ୍ତିଙ୍କୁ ସେମାନଙ୍କର ରାତ୍ରିଭୋଜନରେ ସାଲାଡ ସାମିଲ କରିବାକୁ ପରାମର୍ଶ ଦେଇଥିଲେ । ଏହାସହ ରାତ୍ରିଭୋଜନରେ ସେମାନେ ହାଲୁକା ଖାଦ୍ୟ ମଧ ଖାଇଥିଲେ । ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ନିଦ୍ରାଜନିତ ସମସ୍ୟା କେତେକାଂଶରେ ଦୂର ହୋଇଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

# ଆପଣ ଜାଣନ୍ତି କି ?

- ମଣିଷ ଜୀବନକାଳରେ ହାରାହାରି ୫୦ ଟନ୍ ଖାଦ୍ୟ ଖାଉଥିବା ବେଳେ ୫୦,୦୦୦ ଲିଟର ଜଳ ପିଇବା ପାଇଁ ବ୍ୟବହାର କରିଥାନ୍ତି ।
- ଆମ ଶରୀରରେ ଥିବା କିଡ୍ନୀ ଗୋଟିଏ ଫିଲଟର୍ ଭଳି କାମ କରିଥାଏ । ଏହା ଗୋଟିଏ ମିନିଟ୍‌ରେ ପାଖାପାଖି ୧.୩ ଲିଟର ରକ୍ତ ଫିଲଟରିଂ କରିଥାଏ ।
- ପ୍ରତ୍ୟେକ ମଣିଷ ଶୋଇଲାବେଳେ ୮ ମି.ମି. ବଢ଼ିଥାନ୍ତି ।
- ମଣିଷର ଫୁସ୍‌ଫୁସ୍ ସମୁଦାୟ ୩୦୦,୦୦୦ ମିଲିୟନ୍ ରକ୍ତ କଣିକାକୁ ନେଇ ଗଠିତ ହୋଇଥାଏ । ଯଦି ଏହି କଣିକାଗୁଡ଼ିକୁ ପରସ୍ପର ସହିତ ଯୋଡି ରଖାଯାଏ, ତେବେ ଏହା ୨୪୦୦ କି.ମି. ପର୍ଯ୍ୟନ୍ତ ଲମ୍ବିପାରିବ ।
- ଜଣେ ମଣିଷ ତା'ର ଆଖିରେ ପାଖାପାଖି ୯୦ ପ୍ରତିଶତ ଘଟଣାକୁ ସାଇତି ରଖିବାରେ ସକ୍ଷମ ହୋଇଥାଏ ।
- ପ୍ରତିଟି ଆଙ୍ଗୁଳିର ନଖ ଛଅ ମାସ ସମୟ ଭିତରେ ମୂଳରୁ ଆଗ ଯାଏ ବଢ଼ିଥାଏ ।
- ଆଖିରେ ଥିବା ମାଂସପେଶୀ ଦିନକୁ ୧୦୦,୦୦୦ ଥର ଗତି କରିଥାଏ । ଗୋଡ଼ର ମାଂସପେଶୀ ଯଦି ଏହି ମାତ୍ରାରେ ଚାଲେ, ତେବେ ଜଣେ ମଣିଷକୁ ଦିନକୁ ୮୦ କି.ମି. ଚାଲିବାକୁ ପଡିବ ।
- ଆମକୁ ହଜମ କରାଇବାରେ ସାହାଯ୍ୟ କରାଉଥିବା ଏସିଡ୍ ଏତେ ଶକ୍ତିଶାଳୀ ଯେ ତାହା ଦସ୍ତାକୁ ମଧ ତରଳାଇ ଦେଇପାରିବ ।
- ମଣିଷ ଶରୀରରେ ଥିବା ରକ୍ତ କୋଷିକାଗୁଡିକୁ ପୁନର୍ଜୀବିତ ହେବା ପାଇଁ ୬୦ ସେକେଣ୍ଡ ସମୟ ନେଇଥାନ୍ତି ।

# କହିପାରିବେ କି ?

(୧) କେଉଁ ମସିହାରେ ଇଣ୍ଡିଆନ ଷ୍ଟାଟିସ୍‌ଟିକାଲ ଇନଷ୍ଟିଚ୍ୟୁଟ୍ ସ୍ଥାପିତ ହୋଇଥିଲା ?
(୨) ପୋଲିଓ ଟୀକା କିଏ ବିକଶିତ କରିଥିଲେ ?
(୩) ଏଡ୍‌ୱାର୍ଡ ଜେନ୍ନର କେଉଁ ଉଦ୍ଭାବନ ପାଇଁ ପ୍ରସିଦ୍ଧ ?
(୪) ବାଷ୍ପ ଇଞ୍ଜିନର ଉଦ୍ଭାବକ କିଏ ?
(୫) ବେଲୁନ ଉଡିବା ନିମନ୍ତେ କେଉଁ ଗ୍ୟାସ୍ ବ୍ୟବହୃତ ହୁଏ ?
(୬) କେଉଁ ଡିଭାଇସ୍ କେମିକାଲ ଏନର୍ଜିକୁ ଇଲେକ୍‌ଟ୍ରିକାଲ୍ ଏନର୍ଜିରେ ପରିବର୍ତ୍ତନ କରିଥାଏ ?
(୭) ରେଡିଓଆକ୍ଟିଭିଟି କିଏ ଆବିଷ୍କାର କରିଥିଲେ ?
(୮) ରେଡ୍ ବ୍ଲଡ ସେଲର ଜୀବନକାଳ କେତେ ଦିନ ?
(୯) ଏକ୍ସ-ରେ କିଏ ଆବିଷ୍କାର କରିଥିଲେ ?
(୧୦) ଆଲୋକର ବେଗ କେତେ ?

## JUMBLE WORDS

| | | | | | |
|---|---|---|---|---|---|
| 1) KORCA | = | | 6) NRIGW | = | |
| 2) RIYTD | = | | 7) WNRADO | = | |
| 3) BUDEOL | = | | 8) SEPYDE | = | |
| 4) TYREPT | = | | 9) AHCIR | = | |
| 5) CSBIA | = | | 10) TILEE | = | |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଡିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଲାଟିନ୍ ଶବ୍ଦ ନଭେମ୍, ୨.ଡିସେମ୍, ୩.ଫ୍ରାନ୍ସ, ୪.୧୭୫୭, ୫.ସୈନ୍ୟ, ୬.ବୌଦ୍ଧ, ୭.ଓକିଲ, ଶିକ୍ଷକ ଓ ସାମ୍ବାଦିକ, ୮.୧୮୫୮, ୯.ସକ୍ସ, ୧୦.ଚତୁର୍ଦ୍ଦଶ ଶତାବ୍ଦୀ ।

***Jumble Words* ର ଉତ୍ତର :-**

(1) INTAKE (2) OCTANE (3) HITCH (4) SAUTE (5) PRIMER (6) SPIRAL (7) POISE (8) HATCH (9) VENDOR (10) SPRAIN.

## କମଳ ସେନ ସଭାପତି, ଅଶୋକ ସ୍ୱାଇଁ ସମ୍ପାଦକ

ସୁନ୍ଦରଗଡ଼ : ସୁନ୍ଦରଗଡ଼ ଜିଲ୍ଲା ଓକିଲ ସଂଘର ସଭାପତି ରୂପେ କମଳ ଲୋଚନ ସେନ ଦ୍ୱିତୀୟ ଥର ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ସଭାପତି ଓ କୋଷାଧକ୍ଷ ପଦବୀ ପାଇଁ ଭୋଟଗ୍ରହଣ ହୋଇଥିଲା । ଏଥିରେ ସରୀତା ପଟେଲ କୋଷାଧକ୍ଷ ରୂପେ ନିର୍ବାଚିତ ହୋଇଥିବା ବେଳେ ଅନ୍ୟ ପଦବୀରେ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ବୁଦ୍ଧଦେବ ନାଏକ ଉପ ସଭାପତି, ଅଶୋକ କୁମାର ସ୍ୱାଇଁ ସମ୍ପାଦକ, ପ୍ରଣବ କୁମାର ହାତୀ ଯୁଗ ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି । ଏହାଛଡ଼ା ନିରଜ ସାମନ୍ତରାୟ ଓ ପ୍ରଭାତ କୁମାର ଚୌଧୁରୀ କାର୍ଯ୍ୟକାରୀ କମିଟି ସଦସ୍ୟ, ଗୌତମ କୁମାର ହାତୀ, ବାଦଲ ଚୌଧୁରୀ, କୁମାର ସେଠୀ, ବିଦ୍ୟୁତ୍ ସିଂ ନାଏକ, ସୁନୀଲ କୁମାର ପଟେଲ କଲ୍ୟାଣ ପାଣ୍ଠି କମିଟି ସଦସ୍ୟ ରୂପେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । କାର୍ଯ୍ୟକାରୀ କମିଟିର ୩ଟି ସଦସ୍ୟ ପଦବୀ ପୂରଣ ହୋଇପାରି ନାହିଁ । ବରିଷ୍ଠ ଆଇନଜୀବୀ ଧର୍ମେନ୍ଦ୍ର କୁମାର ପଟେଲ ଏହି ନିର୍ବାଚନ ପରିଚାଳନା କରିଥିବା ବେଳେ ଆଇନଜୀବୀ ଅରୁଣ ଯୋଶୀ, ସୁଧୀର ପଟେଲ, ଗଣେଶ କୁମାର ନାଏକ ନିର୍ବାଚନ ତାଙ୍କୁ ସହଯୋଗ କରିଥିଲେ ।

## ସମ୍ବଲପୁରରେ ରାଜ୍ୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା

ସମ୍ବଲପୁର: ସ୍ଥାନୀୟ ଝସକେତନ ସାହୁ ସନ୍ତରଣାଗାର ଠାରେ ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବାଳକ ଓ ବାଳିକାମାନଙ୍କ ଦୁଇଦିନ ବ୍ୟାପୀ ରାଜ୍ୟ ସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ମୀନାରାଣୀ ମଙ୍ଗଳ ମୁଖ୍ୟଅତିଥି, ସହକାରୀ ଶାରୀରିକ ଶିକ୍ଷା ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ପ୍ରତିଯୋଗିତାରେ ୧୭ ବର୍ଷରୁ କମ୍ ବାଳିକା ବର୍ଗରେ ଭୁବନେଶ୍ୱର ୧୭ ବର୍ଷରୁ କମ୍ ବାଳକ ବର୍ଗରେ ସମ୍ବଲପୁର,୧୪ ବର୍ଷରୁ କମ୍ ବାଳିକା ବର୍ଗରେ ସମ୍ବଲପୁର ଏବଂ ବାଳକ ବର୍ଗରେ ଭୁବନେଶ୍ୱର ଚମ୍ପିୟାନ୍ ଘୋଷିତ ହୋଇ ପୁରସ୍କାର ଲାଭ କରିଥିଲେ ।



ପ୍ରତିଯୋଗିତାରେ ସମ୍ବଲପୁର, ଝାରସୁଗୁଡ଼ା, ବଲାଙ୍ଗୀର, ଦେବଗଡ଼, ଗଞ୍ଜାମ, ଖୋର୍ଦ୍ଧା, ବଉଦ, କଟକ ଆଦି ଦଶଟି ଜିଲ୍ଲାର ୮୭ ଜଣ ପ୍ରତିଯୋଗୀ ଉଭୟ ବର୍ଗରେ ଅଂଶଗ୍ରହଣ କରିଥିଲେ । ଉଦ୍‌ଯାପନୀ ଉତ୍ସବକୁ ଅସିମ ପ୍ରଧାନ ପରିଚାଳନା କରିଥିବା ବେଳେ ପୁରୁଣା ବଲାରଙ୍ଗା ଉନ୍ନିତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

କାର୍ଯ୍ୟକ୍ରମର ଆୟୋଜନରେ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ହରି ନାରାୟଣ ପଣ୍ଡା, ଯୁଯୁମୁରା ହାଇସ୍କୁଲର ପ୍ରଧନଶିକ୍ଷକ କୁଳଧର ପ୍ରଧାନ, ସନ୍ତରଣ ପ୍ରଶିକ୍ଷକ ଆଶୁତୋଷ ନାଏକ, ଅବସରପ୍ରାପ୍ତ କ୍ରୀଡ଼ାଶିକ୍ଷକ ଲକ୍ଷ୍ମଣ ନାଥ, କ୍ରୀଡ଼ାଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା, ସୌମେନ୍ଦ୍ର ଦାଶ, ସତ୍ୟ ରଞ୍ଜନ ପଣ୍ଡା, ପି.ସୁଧାଂଶୁ, ତ୍ରିବିକ୍ରମ ରଣା, ରମେଶ ବେରିହା, ଭୀମସେନ ବାରିକ, ପ୍ରତାପ ସେନାପତି, ମହେଶ୍ୱର ଖଣ୍ଡେଇ, ମଣି ବେଜି, ସୁପ୍ରଜିତ୍ ସାହୁ,ବୁଲୁ ବିଶ୍ୱାଳ, ପଦ୍ମଲୋଚନ ସାହୁ, ଅଫିସ ସହକାରୀ ଜଟିଭୂଷଣ ସାହୁ ତଥା ଅନ୍ୟାନ୍ୟ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।

## ତ୍ରିନାଥ ଗୁଆଲ ପୁନଃ ନିର୍ବାଚିତ

ଝାରସୁଗୁଡ଼ା : ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘର ସଭାପତି ଭାବେ ତ୍ରିନାଥ ଗୁଆଲ ପୁନଃ ନିର୍ବାଚିତ ହୋଇଛନ୍ତି । ସେହିପରି ଅମୀୟ ପାଣିଗ୍ରାହୀ ଉପସଭାପତି, ଅସିତ ବେହେରା ସାଧାରଣ ସମ୍ପାଦକ, ମନିଷ ବାଜପେୟୀ ଓ ସନ୍ଦୀପ ପ୍ରସାଦ ରାୟ ଯୁଗ୍ମ ସମ୍ପାଦକ, ବିକାଶ ପଣ୍ଡା କୋଷାଧକ୍ଷ ରୂପେ ନିର୍ବାଚିତ ହୋଇଛନ୍ତି । ଏହାଛଡ଼ା ଅହଲ୍ୟା ନାଏକ, ଅକ୍ଷୟ ନାଏକ, କଳ୍ପନା ସାହୁ, ପ୍ରଭୁଚରଣ ଆଇନ୍ଦ, ସଞ୍ଜୀବ ପାଟ୍ଟଯୋଶୀ ଏବଂ ଶୁଭ୍ରାନ୍ତ ଭୋଇ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଛନ୍ତି ।

## ଭେଡେନ ଓକିଲ ସଂଘର ନୂତନ କର୍ମକର୍ତ୍ତା

ଭେଡେନ : ଭେଡେନ ଓକିଲ ସଂଘର ଜଗତଭୂଷଣ ଶତପଥୀ ସଭାପତି, ପ୍ରଶାନ୍ତ କୁମାର ନାୟକ ଉପସଭାପତି, ସୁଶୀଲ କୁମାର ବେହେରା ସମ୍ପାଦକ, ଲିଙ୍ଗରାଜ ବିଶି ସହ ସମ୍ପାଦକ ଓ ସରୋଜ କୁମାର ମିଶ୍ର କୋଷାଧକ୍ଷ ରୂପେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି ।

## ରାଜଗାଙ୍ଗପୁର ଓକିଲ ସଂଘ ନିର୍ବାଚନ

ସୁନ୍ଦରଗଡ଼ : ରାଜଗାଙ୍ଗପୁର ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଶୋକ ପାଣି ସଭାପତି, ଦିଲ୍ଲୀପ ସାହୁ ଉପସଭାପତି, ରବୀନ୍ଦ୍ର ଦାଶ ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି । ପୂର୍ବରୁ ତ୍ରିବିକ୍ରମ ପୃଷେଠ ଯୁଗ୍ମ ସମ୍ପାଦକ, ପ୍ରମୋଦ କୁଜୁର ସହସମ୍ପାଦକ, ଦିଲ୍ଲୀପ କୁମାର ସିଂ ଲାଇବ୍ରେରି ସମ୍ପାଦକ, ସୁଶୀଲ ତିର୍କୀ ସହ ଲାଇବ୍ରେରି ସମ୍ପାଦକ, ମହେନ୍ଦ୍ର କୁମାର ମାଝୀ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ଏକଜିକ୍ୟୁଟିଭ ମେମ୍ବର ପଦବୀ ପାଇଁ ପ୍ରଦୀପ କୁମାର କେସରୱାନି, ରାଜେନ୍ଦ୍ର କୁମାର ଗିରି, ନରେଶ ଧଳ, ଆକଦାସ ଅଞ୍ଜୁମ ସରସରି, ଗ୍ୟାସୁଦ୍ଦିନ ମହମ୍ମଦ ନିର୍ବାଚିତ ହୋଇଛନ୍ତି । ଏହି ଓକିଲ ସଂଘର ନିର୍ବାଚନକୁ ନିର୍ବାଚନ ଅଧିକାରୀ ଅର୍ଜନା ମୁଦୁଲି ପରିଚାଳନା କରିଥିଲେ ।

## ବରଗଡ଼ ଜିଲ୍ଲା ଓକିଲ ସଂଘ ନିର୍ବାଚନ

ବରଗଡ଼ : ବରଗଡ଼ ଜିଲ୍ଲା ଓକିଲ ସଂଘର ସଭାପତି ଭାବରେ ଭୀଷ୍ମଦେବ ସରାଫ ନିର୍ବାଚିତ ହୋଇଛନ୍ତି । ସେହିପରି ଉପସଭାପତି ଭାବରେ ସୁଶିଲ କୁମାର ଶତପଥୀ ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସଂପାଦକ ଭାବେ ଉତ୍ତର କୁମାର ସାହୁ, ଯୁଗ୍ମ ସଂପାଦକ ଶୁକଦେବ ସାହୁ ନିର୍ବାଚିତ ହୋଇଛନ୍ତି । କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ସିନିୟରରେ ଶରଦ କୁମାର ପ୍ରଧାନ ଓ ରାଜେନ୍ଦ୍ର ପ୍ରସାଦ ସିଂ ଏବଂ କୁନିୟରରେ ଟୁନା ମହାକୁର ଓ ଶ୍ରୀପ୍ରକାଶ ଗୁପ୍ତା ନିର୍ବାଚିତ ହୋଇଛନ୍ତି । ପୂର୍ବରୁ କାର୍ଯ୍ୟକାରିଣୀ ସଦସ୍ୟ କୁନିୟରରେ ଆଦିତ୍ୟ ପାଢ଼ୀ ଓ ଆଶିଷ ବେହେରା ନିଦ୍ୱରେ ନିର୍ବାଚିତ ହୋଇଥିଲେ ।

## କୁଚିଣ୍ଡା ଓକିଲ ସଂଘ ନିର୍ବାଚନ

କୁଚିଣ୍ଡା : ସ୍ଥାନୀୟ ବାର ଆସୋସିଏସନର ସଭାପତି ଭାବରେ ଚତୁର୍ଥ ଥର ପାଇଁ ବରିଷ୍ଠ ଆଇନଜୀବୀ ପ୍ରମୋଦ ଛୁରିଆ ନିର୍ବାଚିତ ହୋଇଛନ୍ତି । ସେହିପରି ସାଧାରଣ ସମ୍ପାଦକ ରୂପେ ସୁରେନ୍ଦ୍ର ନାୟକ ନିର୍ବାଚିତ ହୋଇଥିବା ବେଳେ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଦିଲୀପ ପୃଷେଠ୍ ନିର୍ବାଚନ ଅଧିକାରୀ ଓ ପ୍ରଶାନ୍ତ ପଣ୍ଡା ସହ ନିର୍ବାଚନ ଅଧିକାରୀ ଭାବରେ ନିର୍ବାଚନ ପରିଚାଳନା କରିଥିଲେ ।

## ପଦ୍ମଶ୍ରୀ ଶ୍ରୀନିବାସ ... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଦୁଇଟି ଗଳ୍ପ ହିନ୍ଦୀରେ ଟେଲୀଫିଲ୍ମ ହୋଇଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଉତ୍କଳ ତଥା ଶାନ୍ତିନିକେତନ ଅନୁମୋଦନ କ୍ରମରେ ଗବେଷକ ବିଦ୍ୟାର୍ଥୀମାନଙ୍କଦ୍ୱାରା ସଫଳ ଏମ୍.ଫିଲ୍, ପିଏଚ୍.ଡି (ଆପାତତଃ ଆଠ) ହୋଇ ସାରିଛି ଓ ବର୍ତ୍ତମାନ ଜାତୀୟସ୍ତରରେ ୟୁଜିସିର ସ୍ୱୀକୃତ ଅନୁମୋଦନ କ୍ରମରେ ତାଙ୍କର ରଚନାସମଗ୍ର ଉପରେ ଗବେଷଣା ଆରମ୍ଭ ହୋଇଛି । ମାତ୍ର ସାରସ୍ୱତ ସର୍ଜନା-ପ୍ରସଙ୍ଗର ବିବେଚନା-ଅନୁଶୀଳନ ନକରି ଡକ୍ଟର ଉଦ୍‌ଗାତା ନାଟ୍ୟ, ନୃତ୍ୟ, ସଂଗୀତର ଭିତ୍ତି ରେ ନାଟ୍ୟଶାସ୍ତ୍ରର ଓଡ଼ିଶା ସାହିତ୍ୟ ଏକାଡେମୀ ସକାଶେ ସଂସ୍କୃତରୁ ଓଡ଼ିଆ ରୂପାନ୍ତରଣ ବ୍ୟତୀତ, ଓଡ଼ିଆ, ହିନ୍ଦୀ ତଥା ଇଂରାଜୀରେ ଅନେକ ନିବନ୍ଧ ରଚନା କରିଛନ୍ତି । ଜଣେ ପ୍ରବୀଣ ଚିତ୍ରଶିଳ୍ପୀ ଭାବରେ ପ୍ରତ୍ୟେକ ଶୈଳୀ ଓ ମାଧ୍ୟମରେ ଚିତ୍ରରଚନା କରି, ବହୁ ପ୍ରଦର୍ଶନୀରେ ଭାଗ ନେଇ, ଅଗଣିତ ପୁସ୍ତକର ଚିତ୍ର-ବିନ୍ୟାସ ତଥା ଅଳଙ୍କରଣ କରି ପ୍ରଶଂସିତ ହୋଇଛନ୍ତି । ଡକ୍ଟର ଉଦ୍‌ଗାତା, ବହୁ ପ୍ରାନ୍ତୀୟ ଜାତୀୟ ସ୍ତରରେ ସର୍ବଭାଷା ସାରସ୍ୱତ ସମ୍ମେଳନରେ ସଭାପତି, ମୁଖ୍ୟବକ୍ତା, ଭିତ୍ତି ପ୍ରବନ୍ଧର ଉପସ୍ଥାପନା ଆଦିର ଉଲ୍ଲେଖନୀୟ ଭୂମିକା ନିର୍ବାହ କରି ପ୍ରଶଂସିତ ହୋଇଛନ୍ତି । ପ୍ରବନ୍ଧସମୂହର ଅଭିବ୍ୟକ୍ତିରେ ଭାରତୀୟ ଗଭୀର ଦର୍ଶନ, ପୌରାଣିକ ରଚନାରେ ସମକାଳୀନ ସତ୍ୟାନୁ ସନ୍ଧାନର, ଗଦ୍ୟ ଓ ପଦ୍ୟରଚନାର ଆଧାରେ ପୀତି-ଭକ୍ତି ଆଦି ପ୍ରଣିଧାନ ଯୋଗ୍ୟ । ଜଣେ ସମର୍ପିତ ସମାଜସେବୀ ଭାବରେ ଅଗ୍ରଗଣ୍ୟ ସ୍ୱେଚ୍ଛାସେବୀ ସଂସ୍ଥା "ତ୍ୟାଗ", ବୁର୍ଲାର ଉପଦେଷ୍ଟା ଅଧକ୍ଷ ଭାବରେ ସାରସ୍ୱତ ସହଯୋଗ ବ୍ୟତୀତ, ବିଭିନ୍ନ ବୌଧିକ ସେବା ତଥା ରକ୍ତଦାନ ଶିବିରର ସହଭାଗୀ ହୋଇଥିବାର ସ୍ୱୀକୃତିସ୍ୱରୂପ ୨୦୧୩ ରେ ଆୟୋଜିତ ଏକ ବିଶେଷ ସମାବେଶରେ ଡକ୍ଟର ଉଦ୍‌ଗାତା ସମ୍ମାନିତ ହୋଇଛନ୍ତି ।

## ମେ' ୧୦ରେ ଝାରସୁଗୁଡ଼ା ଭୋଟ୍

ଭୁବନେଶ୍ୱର : ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ହତ୍ୟା କରାଯିବା ପରେ ଖାଲି ପଡ଼ିଥିବା ଝାରସୁଗୁଡ଼ା ବିଧାନସଭା ଆସନ ପାଇଁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଉପନିର୍ବାଚନ ତାରିଖ ଘୋଷଣା ହୋଇଛି । ଉପନିର୍ବାଚନ ପାଇଁ ଏପ୍ରିଲ ୧୩ରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବ । ଆଶାୟୀ ପ୍ରାର୍ଥୀ/ପ୍ରାର୍ଥିନୀ ୨୦ତାରିଖ ସୁଦ୍ଧା ନାମାଙ୍କନ ପତ୍ର ଦାଖଲ କରିବେ । ୨୧ରେ ପ୍ରାର୍ଥିପତ୍ର ଯାଞ୍ଚ ହେବାକୁ ଥିବାବେଳେ ୨୪ ତାରିଖ ସୁଦ୍ଧା ନାମାଙ୍କନପତ୍ର ଦାଖଲ କରିଥିବା ପ୍ରାର୍ଥୀ/ ପ୍ରାର୍ଥିନୀଙ୍କ ମଧ୍ୟରୁ ଚାହିଁଲେ ସେମାନଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର କରି ପାରିବେ । ମେ ୧୦ରେ ଭୋଟ ଗ୍ରହଣ ହେବାକୁ ଥିବାବେଳେ ୧୩ ତାରିଖରେ ମତଦାନ ଗଣତି କରାଯିବ । ଏହି ଉପନିର୍ବାଚନର ସମସ୍ତ ପ୍ରକ୍ରିୟା ମେ ୧୫ ସୁଦ୍ଧା ସାରିବାକୁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି । ଉପନିର୍ବାଚନରେ ମୋଟ ୨ ଲକ୍ଷ ୨୧ ହଜାର ୭୦ ଭୋଟର ନିଜର - ମତାଧୀକାର ସାବ୍ୟସ୍ତ କରିବେ । ଏହି ନିର୍ବାଚନ ମଣ୍ଡଳୀରେ ପୁରୁଷଙ୍କ ତୁଳନାରେ ମହିଳା ଭୋଟର ସଂଖ୍ୟା ଅଧିକ । ପୁରୁଷ ଭୋଟର ୧ ଲକ୍ଷ ୧୦ ହଜାର ୩୨୦ ଥିବା ବେଳେ ମହିଳା ଭୋଟର ୧ ଲକ୍ଷ ୧୦ ହଜାର ୬୮୭ ରହିଛନ୍ତି । ୬୩ ଜଣ ତୃତୀୟ ଲିଙ୍ଗୀ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ । ଏମାନଙ୍କ ମଧ୍ୟରେ ୨୫୨୬ଜଣ ଭିନ୍ନକ୍ଷମ ଭୋଟର ଥିବାବେଳେ ସେମାନଙ୍କ ମଧ୍ୟରୁ ପୁରୁଷ ଭିନ୍ନକ୍ଷମ ଭୋଟର ୧୪୪୯ ଏବଂ ମହିଳା ଭିନ୍ନକ୍ଷମ ଭୋଟରଙ୍କ ସଂଖ୍ୟା ୧୦୭୭ ରହିଛି । ବରିଷ୍ଠ ନାଗରିକ ଭୋଟର ଅର୍ଥାତ ୮୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଭୋଟରଙ୍କ ସଂଖ୍ୟା ୪୦୭୪ ରହିଛି ।

ଉପନିର୍ବାଚନ ପାଇଁ ତାରିଖ ଘୋଷଣା ସହ ସମଗ୍ର ଜିଲାରେ ଆଦର୍ଶ ଆଚରଣ ବିଧି ସମସ୍ତ ପ୍ରାର୍ଥୀ, ରାଜନୀତିକ ଦଳ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଂସ୍ଥା ଓ ଉଦ୍ୟୋଗୀଙ୍କ ପାଇଁ ବଳବତ୍ତର ରହିବ । ନିର୍ବାଚନ ମଣ୍ଡଳୀରେ ମୋଟ ୨୫୩ଟି ମତଦାନ କେନ୍ଦ୍ର ଚିହ୍ନଟ ହୋଇଥିବାବେଳେ ଉପନିର୍ବାଚନ ପାଇଁ ଆବଶ୍ୟକ ଇଭିଏମ୍ ଯନ୍ତ୍ର ଓ ଭିଭିପାଟ ପ୍ରସ୍ତୁତ ହୋଇଛି । ପ୍ରଥମ ପର୍ଯ୍ୟାୟ ଇଭିଏମ୍ ଯାଞ୍ଚ କାର୍ଯ୍ୟ ସାରିଛି । ମେ ମାସରେ ଗ୍ରୀଷ୍ମ ପ୍ରବାହ ଏବଂ କାଳବୈଶାଖୀକୁ ଦୃଷ୍ଟିରେ ରଖି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବ । ସମସ୍ତ ମତଦାନ କେନ୍ଦ୍ରରେ ପାନୀୟ ଜଳ, ଶୌଚାଳୟ ବିଦ୍ୟୁତ ସଂଯୋଗ, ଭିନ୍ନକ୍ଷମଙ୍କ ଯିବା ପାଇଁ ରାମ୍ପ ବ୍ୟବସ୍ଥା କରାଯିବ । ଏବେ କରୋନା ବଢୁଥିବାରୁ ଉପନିର୍ବାଚନ ପ୍ରକ୍ରିୟାରେ କରୋନା କଟକଣା କ'ଣ ରହିବ ସେତେବେଳର ସ୍ଥିତିକୁ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକାକୁ ଲାଗୁ କରାଯିବ । କିନ୍ତୁ କରୋନା ସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବାକୁ ଜିଲା ପ୍ରଶାସନକୁ କୁହାଯାଇଅଛି ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ବିଭିନ୍ନ କ୍ଷେତ୍ରରେ ସମ୍ବଲପୁର ଆଇଆଇଏମର ରେକର୍ଡ

ବୁର୍ଲା : ନିଯୁକ୍ତି କ୍ଷେତ୍ରରେ ଆଇଆଇଏମ୍ ସମ୍ବଲପୁର ପୁଣି ରେକର୍ଡ ସୃଷ୍ଟି କରିଛି । ଖାଲି ନିଯୁକ୍ତି ନୁହେଁ, ଉଚ୍ଚ ବେତନ କ୍ଷେତ୍ରରେ ମଧ୍ୟ ଏହି ଅନୁଷ୍ଠାନ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଦେଶର ଅନ୍ୟ ନୂତନ ପିଢିର ଆଇଆଇଏମ୍ ଗୁଡିକୁ ଏହି ଅନୁଷ୍ଠାନ ପଛରେ ପକାଇ ଦେଇଛି ବୋଲି ଏହାର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସ୍ୱାଲ କହିଛନ୍ତି ।

ପ୍ରଫେସର ଜୟସୱାଲ କହିଛନ୍ତି ଯେ, ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍) ସମ୍ବଲପୁର ଏଥର ନିଯୁକ୍ତି କ୍ଷେତ୍ରରେ ପୁଣି ରେକର୍ଡ କରିଛି । ଏମବିଏ ପାଠ୍ୟକ୍ରମରେ ସାରା ଭାରତବର୍ଷର ସମସ୍ତ ନୂତନ ପିଢିର ଆଇଆଇଏମକୁ ପଛରେ ପକାଇ ଏହି ରେକର୍ଡ କରିଛି । ଏହାର ୨୦୨୧-୨୩ ଏମବିଏ ବ୍ୟାଚ୍ ୧୦୦ ପ୍ରତିଶତ ନିଯୁକ୍ତି କରାଇ ପାରିଛି । ସେହିପରି ଏବର୍ଷ ବାର୍ଷିକ ପ୍ୟାକେଜ୍ ବା ଦରମାରେ ମଧ ସାରା ଭାରତରେ ରେକର୍ଡ କରିଛି । ଅବନୀ ମାଲହୋତ୍ରା ନାମକ



ଜଣେ ଛାତ୍ରୀ ଏହି ରେକର୍ଡ କରି ମାଇକ୍ରୋସଫ୍ଟ ଇଣ୍ଡିଆରେ ଘରୋଇ ପ୍ଲେସମେଣ୍ଟରେ ସର୍ବାଧିକ ୬୪.୬୧ଲକ୍ଷ ଟଙ୍କାରେ ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହା ସାରା ଦେଶର ଆଇଆଇଏମ୍‌ର ପ୍ଲେସମେଣ୍ଟରେ ସର୍ବାଧିକ ବେତନ ବୋଲି ଦର୍ଶାଯାଇଛି । ସେହିପରି ଅନ୍ୟଜଣେ ଛାତ୍ରୀ ରାମିଆ ଆର୍. ନାଇଜେରିଆର ଟାଲାରାମ ଇଣ୍ଟରନ୍ୟାସନାଲରେ ଆନ୍ତର୍ଜାତୀୟ ପ୍ଲେସମେଣ୍ଟରେ ବାର୍ଷିକ ୬୪.୧୫ ଲକ୍ଷ ଟଙ୍କା ପ୍ୟାକେଜ୍‌ରେ ନିଯୁକ୍ତି ପାଇଛନ୍ତି ।

ଶ୍ରୀ ଜୟସ୍ୱାଲ କହିଛନ୍ତି ଯେ, ଚଳିତବର୍ଷ ଏମବିଏରେ ୧୬୭ ଜଣ ଛାତ୍ରଛାତ୍ରୀ ଥିବା ବେଳେ ସମସ୍ତେ ପ୍ଲେସମେଣ୍ଟରେ ମନୋନୀତ ହୋଇ ରେକର୍ଡ ସୃଷ୍ଟି କରିଛନ୍ତି । ୧୬୭ ଜଣ ଛାତ୍ରଛାତ୍ରୀ ଥିବା ବେଳେ ୧୩୦ଟି ନାଁକରା କମ୍ପାନୀ ଆସିଥିବା ବେଳେ ସମସ୍ତ ଛାତ୍ରଛାତ୍ରୀଙ୍କ ପାଖରେ ଗୋଟିଏ କମ୍ପାନୀରୁ ଅଧିକ ପ୍ଲେସମେଣ୍ଟର ଅଫର ରହିଛି । ଏଥର ନିଯୁକ୍ତି ପାଇଥିବା ଛାତ୍ରଛାତ୍ରୀଙ୍କର ବାର୍ଷିକ ପ୍ୟାକେଜ ହାରାହାରି ୧୬.୬୪ ପ୍ରତିଶତ ରହିଛି । ଯାହା ପୂର୍ବ ବର୍ଷ ଏହି ଅନୁଷ୍ଠାନ ହାରାହାରି ବେତନରେ ୧୩.୨ ଲକ୍ଷରୁ ବାର୍ଷିକରୁ ୧୬.୬୪ ଲକ୍ଷକୁ ବୃଦ୍ଧି ହୋଇଛି । ଯାହା ୨୬.୦୬ ପ୍ରତିଶତକୁ ବୃଦ୍ଧି ହୋଇଛି । ଏଥର ଆଇଆଇଟି, କନସଲ୍‌ଟିଂ ବିଏଫ୍‌ଏସ୍‌ଆଇ, ଏଫ୍‌ଏମ୍‌ସିଜି, ଇଡ-ଟେକ୍, ଇ-ବାଣିଜ୍ୟ, ଆନାଲିଟିକ୍ସ ଏବଂ ଲଜିଷ୍ଟିକ୍ସ ସମେତ ଆଇଆଇଏମ୍ ସମ୍ବଲପୁରରେ ପ୍ଲେସମେଣ୍ଟରେ ବିଭିନ୍ନ କ୍ଷେତ୍ରର ନିଯୁକ୍ତିଦାତା ଯୋଗ ଦେଇଥିଲେ । ନିଯୁକ୍ତିଦାତାମାନଙ୍କ ମଧ୍ୟରେ ମାଇକ୍ରୋସଫ୍ଟ, ବେଦାନ୍ତ, ଅମୁଲ, ଆମାଜନ, ଆଦାନୀ ଗୋଷ୍ଠୀ, ଟାଟା ପାୱାର ଓ ଅନ୍ୟାନ୍ୟ କମ୍ପାନୀ ସାମିଲ ଥିଲେ । ଅନ୍ୟପଟେ ଖୁବଶୀଘ୍ର ଏହି ଅନୁଷ୍ଠାନରେ ଯୁଗ୍ମ ପାଠ୍ୟକ୍ରମ (ଡବଲ ଡିଗ୍ରୀ) ଆରମ୍ଭ ହେବା ସହିତ ଦେଶ ବାହାରୁ ଏଠାକୁ ପାଠ ପଢ଼ାଇବା ପାଇଁ ଅଧାପକ ଆସିବେ ବୋଲି ନିର୍ଦ୍ଦେଶକ ସୂଚନା ଦେଇଛନ୍ତି ।

## ସମ୍ବଲପୁରରେ ପୋଲିସ ପ୍ରତିଷ୍ଠା ଦିବସ

ସମ୍ବଲପୁର : ସ୍ଥାନୀୟ ସଂରକ୍ଷିତ ପୋଲିସ ବାହିନୀ ପଡିଆରେ ୮୮ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ପ୍ୟାରେଡରେ



ଉତ୍ତରାଞ୍ଚଳ ଆଇ.ଜି ଡକ୍ଟର ଦୀପକ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅଭିବାଦନ ଗ୍ରହଣ କରିବା ସାଙ୍ଗକୁ ଦିବଂଗତ ପୋଲିସ କର୍ମଚାରୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି ଅବସରରେ ଆୟୋଜିତ ଏକ ରକ୍ତଦାନ ଶିବିରରେ ୫୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଏସ୍.ପି ଶ୍ରୀ ବାତୁଲା ଗଙ୍ଗାଧର ମଧ ଉତ୍ସବରେ ଉପସ୍ଥିତ ଥିଲେ ।

# ସମ୍ବଲପୁରରେ ଶ୍ରୀ ନିକୁଞ୍ଜ ବିହାରୀ ସତ୍‌ସଙ୍ଗ ଆଶ୍ରମ ପ୍ରତିଷ୍ଠା ମହୋତ୍ସବ

ସମ୍ବଲପୁର : ସ୍ଥାନୀୟ ଚାରଭାଟି ଠାରେ ଶ୍ରୀ ନିକୁଞ୍ଜ ବିହାରୀ ସତ୍‌ସଙ୍ଗ ଆଶ୍ରମର ନବକଳେବର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । କୃପାଳୁ ମହାରାଜଙ୍କର ପଟ୍ଟ ଶିଷ୍ୟ ସ୍ୱାମୀ ମୁକୁନ୍ଦାନନ୍ଦ ଜୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପାଞ୍ଚ ଦିନ ବ୍ୟାପୀ ମହୋତ୍ସବରେ କଳସ ଯାତ୍ରା, ଚାରି ପ୍ରହରୀ ନାମଯଜ୍ଞ, ପଞ୍ଚକୁଣ୍ଡୀୟ ମହାଯଜ୍ଞ, ପାଲିଙ୍କି ଯାତ୍ରା, କୃପାଳୁ ମହାରାଜଙ୍କ ପ୍ରାଣପ୍ରତିଷ୍ଠା ମହୋତ୍ସବ ଓ ପ୍ରବଚନ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଜଗଦ୍‌ଗୁରୁ କୃପାଳୁ ମହାପ୍ରଭୁଙ୍କ ଜଗଦ୍‌ଗୁରୁ ନିବାସ ସ୍ୱାମୀ ମୁକୁନ୍ଦାନନ୍ଦଙ୍କଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ପ୍ରତ୍ୟହ ସନ୍ଧ୍ୟାରେ ସ୍ୱାମୀ ମୁକୁନ୍ଦାନନ୍ଦ ପ୍ରବଚନ ଦେବା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିଭିନ୍ନ ଦିବସରେ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ, ପୂର୍ବତନ ସାଂସଦ ପ୍ରମିଳା ବହିଦାର, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଅତିଥି ରୂପେ ଯୋଗ ଦେଇ ସ୍ୱାମୀଜୀଙ୍କୁ ମାଲ୍ୟାର୍ପଣ କରିବା ସାଙ୍ଗକୁ ଆଳତୀ କରିଥିଲେ । ପ୍ରତ୍ୟହ ପ୍ରଥମେ ସଭାପତି ଦେବେନ୍ଦ୍ର ମହାପାତ୍ର ମାଲ୍ୟାର୍ପଣ କରୁଥିଲେ ଓ ଶ୍ରୀମତୀ ଶେଫାଳି ରାଣୀ ଦାଶଙ୍କ ସଂଯୋଜନାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଶ୍ରୀ ବୈଷ୍ଣବ ପାଢ଼ୀ, ଶ୍ରୀ ଆଲୋକ ପଣ୍ଡା ଓ ଶ୍ରୀମତୀ ଦୀପାଳୀ ଚୌଧୁରୀ, ଶ୍ରୀମତୀ ଭାରତୀ ଦାସଙ୍କ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶ୍ରୀ ନିର୍ମଳ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।









## ରଙ୍ଗବତୀ ବିଲୁଙ୍ଗ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



ସମ୍ବଲପୁର : ବାମରା ବ୍ଲକ୍ ଜରାବଗା ପଞ୍ଚାୟତ ରଙ୍ଗବତୀ ବିଲୁଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ସଭାପତି ଅନନ୍ତ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି, କୁଚିଣ୍ଡା ସଂକୁଳ ପ୍ରମୁଖ ପ୍ରଫୁଲ୍ଲ କୁମାର ସାହୁ ମୁଖ୍ୟବକ୍ତା ଓ ପଦ୍ମଶ୍ରୀ ମିତ୍ରଭାନୁ ଗୌଡିଆ, ପ୍ରତିଷ୍ଠାତା ପୂର୍ବତନ ସଭାପତି ପୁରୁଷୋତ୍ତମ ପଟ୍ଟା, ବିସ୍ତୃତ ପରିଷଦ ସମ୍ପାଦକ କୁଚିଣ୍ଡା ସଂକୁଳ ବାବୁଲାଲ ପୂଝାରୀ, ଭୂମିଦାତା ବିନତା ପଟେଲ, ସମ୍ପାଦକ ବିହାରୀ ଲାଲ ଚୌହାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଗୁରୁଜୀ ସଞ୍ଜୟ ସେନାପତି ଅତିଥି ପରିଚୟ ଏବଂ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ଗ୍ରନ୍ଥାବଳୀ ଉନ୍ମୋଚନ କରାଯାଇଥିଲା ।

## ରାଜଯୋଗିନୀ ପାର୍ବତୀ ଦିଦିଜୀଙ୍କ ୬୭ତମ ଜନ୍ମୋତ୍ସବ ପାଳିତ




ସମ୍ବଲପୁର: ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ସମ୍ବଲପୁର ସବ୍‌ଜୋନ୍ ଦାୟିତ୍ୱରେ ଥିବା ରାଜ ଯୋଗିନୀ ପାର୍ବତୀଙ୍କ ୬୭ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ଏଥିରେ ମୁମ୍ବାଇର ପ୍ରଫେସର୍ ଇ. ଭି. ଗିରିଶ, ବ୍ରହ୍ମାକୁମାରୀ ଦୀପା, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ପଦ୍ମଶ୍ରୀ ଡକ୍ଟର ଜୀତେନ୍ଦ୍ର ହରିପାଲ ଓ ଅବସରପ୍ରାପ୍ତ ପ୍ରଶାସକ ରଘୁନାଥ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପାର୍ବତୀଙ୍କର କର୍ମମୟ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ତାଙ୍କର ଦୀର୍ଘଜୀବନ କାମନା କରିଥିଲେ । ଏହି ଅବସରରେ ସମ୍ବଲପୁରୀ ଭାଷାର ପ୍ରଚାର ପ୍ରସାର ଦିଗରେ ପଦ୍ମଶ୍ରୀ ଡକ୍ଟର ଜୀତେନ୍ଦ୍ର ହରିପାଲ ଓ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ଉଲ୍ଲେଖନୀୟ ଭୂମିକା ପାଇଁ ରାଜଯୋଗିନୀ ପାର୍ବତୀ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ପଦ୍ମଶ୍ରୀ ଗୌନ୍ତିଆଙ୍କର ସମ୍ବଲପୁରୀ ଗୀତ ଲେଖା ହୋଇଥିବା ଗ୍ରନ୍ଥାବଳୀକୁ ମଧ ଉତ୍ସବରେ ଲୋକାର୍ପିତ କରାଯାଇଥିଲା । ବ୍ରହ୍ମକୁମାରୀ ଜ୍ୟୋତିଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଡାକ୍ତର ରାମଚନ୍ଦ୍ର ପ୍ରଧାନ ମଧ ଭାଷଣ ଦେଇଥିଲେ । ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ସୌରଭ ଷଡ଼ଙ୍ଗୀ, କୁସୁମ ଭଉଣୀ, ସୁଶାନ୍ତ ଭାଇ ପ୍ରମୁଖ ସଂଗୀତ ପରିବେଷଣ କରି ପାର୍ବତୀ ଭଉଣୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । କୁମାରୀ ସିଦ୍ଧି, କୁମାର ବିଘ୍ନେସ୍ , କୁମାରୀ ମୀନାକ୍ଷୀ ନୃତ୍ୟ ପରିବେଷଣ କରିଥିଲେ । ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୧୫୦୦ ବ୍ରହ୍ମକୁମାର ଓ ବ୍ରହ୍ମକୁମାରୀ ଏହି ଉତ୍ସବରେ ଯୋଗ ଦେଇଥିଲେ ।

## ଝାରସୁଗୁଡ଼ା ଉପ-ନିର୍ବାଚନ ପାଇଁ ଦୀପାଳି ହେଲେ ବିଜେଡି ପ୍ରାର୍ଥୀ

ଝାରସୁଗୁଡ଼ା : ଝାରସୁଗୁଡ଼ା ଉପ ନିର୍ବାଚନ ପାଇଁ ବିଜେଡ଼ିରୁ ପ୍ରାର୍ଥୀ ଭାବେ ସ୍ୱର୍ଗତ ନବ ଦାସଙ୍କ ଝିଅ ଦୀପାଳି ଦାସଙ୍କ ନାମ ଦଳ ପକ୍ଷରୁ ଘୋଷଣା କରାଯାଇଛି । ୧୯୯୭ ମସିହାରେ ଜନ୍ମ ଗ୍ରହଣ କରିଥିବା ଦୀପାଳି ବୁର୍ଲା ଡିଏଭି ସ୍କୁଲରେ ଦଶମ ଶ୍ରେଣୀ ପାସ କରିବା ପରେ ରାଜସ୍ଥାନର ମୋଦି ସ୍କୁଲ ରାଜସ୍ଥାନରୁ ସେ ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନ



କରି ଉତ୍ତୀର୍ଣ୍ଣ ହୋଇଥିଲେ । ପରେ ବମ୍ବେର କେସି କଲେଜରେ ବି.କମ୍ ପାସ କରିବା ପରେ ସ୍ପେନର ବାର୍ସିଲୋନାରେ ଏମବିଏ ପଢିଥିଲେ । ଜଣେ ଉଚ୍ଚ ଶିକ୍ଷିତା ଯୁବତୀ ହେବା ସହ ପିତା ନବ ଦାସଙ୍କ ସହ ପ୍ରାୟ ଦୁଇ ବର୍ଷ କାଳ ପ୍ରତ୍ୟକ୍ଷ ଭାବେ ରାଜନୀତିରେ ରହି ଅଭିଜ୍ଞତା ଅର୍ଜନ କରିଥିଲେ । ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସଙ୍କୁ ଗତ ଜାନୁଆରୀ ୨୯ ତାରିଖ ଦିନ ଗୁଳି କରି ହତ୍ୟା କରାଯିବା ପରେ ଝାରସୁଗୁଡ଼ା ବିଧାନସଭା କ୍ଷେତ୍ରରେ ଏବେ ଉପ ନିର୍ବାଚନ ହେବାକୁ ଯାଉଛି । ମେ' ୧୦ ତାରିଖ ଦିନ ନିର୍ବାଚନ ହେବ । ସ୍ୱର୍ଗତ ନବ ଦାସ ମନ୍ତ୍ରୀ ଥିବା କାଳରେ ଝିଅ ଦୀପାଳିଙ୍କୁ ନିଜର ପ୍ରତିନିଧିଭାବେ ନିଯୁକ୍ତ କରିଥିଲେ । ଅନେକ ସଭା ସମିତିରେ ସେ ନବଙ୍କ ପ୍ରତିନିଧିତ୍ୱ କରୁଥିଲେ । ଦୀପାଳି ସମଗ୍ର ଝାରସୁଗୁଡ଼ା ବିଧାନସଭା କ୍ଷେତ୍ର ଗସ୍ତ କରି ଲୋକଙ୍କ ସୁବିଧା ଅସୁବିଧା ବୁଝିବା ସହ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରୁଥିଲେ । ଗତ ବ୍ରଜରାଜନଗର ଉପ ନିର୍ବାଚନ ଏବଂ ପଦ୍ମପୁର ଉପ ନିର୍ବାଚନରେ ମଧ ଦଳୀୟ ପ୍ରଚାରରେ ଦୀପାଳି ବେଶ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



### ✓ ପ୍ରଫୁଲ୍ଲ କୁମାର ମହାପାତ୍ର

ଆଡ଼ଭୋକେଟ, ସମ୍ବଲପୁର

ଆବିର୍ଭାବ: ତା-୪.୧୦.୧୯୫୪
ତିରୋଧାନ: ତା- ୩୦.୦୩.୨୦୧୮
(ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ)

ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା । ତୁମର ଅଭାବ ଓ ଅନୁପସ୍ଥିତି ସମସ୍ତେ ମନେ ପକାଉଛୁ । ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ହୃଦୟରେ ଚିରଦିନ ସ୍ମୃତି ହୋଇ ରହିବ । ତୁମର ପ୍ରେରଣା ଚିରପାଥେୟ ହେଉ । ତୁମେ ଯେଉଁଠାରେ ବି ଥାଅ ଆମ ପ୍ରତି ତୁମର ଅମୃତ ଆଶୀଷ ଅହରହ ଝରୁଥାଉ ।

ଶୋକ ସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁ ପରିଜନ

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra